**ସମ୍ପାଦକୀୟ**

# ଦିଗହରା ନୀତି ବାଟବଣା ଚାଷୀ



ଦେଶରେ ୧୯୬୦ ଦଶକ ଆରମ୍ଭରେ ଯେତେବେଳେ ଘୋର ଖାଦ୍ୟସଂକଟ ଦେଖାଦେଇଥିଲା, ସେତେବେଳେ ସବୁଜ ବିପ୍ଳବ, ଭାରତୀୟ କୃଷି କ୍ଷେତ୍ରରେ ଏକ ଆଶାର ଆଲୋକ ଭାବେ ଉଦ୍‌ଭାସିତ ହୋଇଥିଲା । ଏଇ ବିପ୍ଳବର ସଫଳତା ପଛରେ ଅଧିକ ଅମଳକ୍ଷମ ବିହନର ବ୍ୟବହାର ମୁଖ୍ୟ ଭୂମିକା ତୁଲାଇଥିଲା । ଏହି ସଫଳତାକୁ ଆଖିରେ ରଖି ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଦିଲ୍ଲୀରେ ଜୟନ୍ତୀ ନାମକ ଗାଁରେ ସବୁ ଚାଷୀ ପରିବାରଙ୍କୁ ନେଇ ଏକ 'ବିହନ ଗ୍ରାମ'ର ଯୋଜନା ହୋଇଥିଲା । ଏହି ଯୋଜନା ମାଧ୍ୟମରେ ପରୀକ୍ଷାମୂଳକ ଭାବେ ଗହମ ବିହନ ଉତ୍ପାଦନ କରାଯାଇଥିଲା । ଏହିଠାରୁ ହିଁ ଭାରତୀୟ କୃଷି ଗବେଷଣା ପରିଷଦ, ଜାତୀୟ ବିହନ ନିଗମ, ଭାରତୀୟ ରାଜ୍ୟ କୃଷି ଫାର୍ମ ନିଗମ ଓ ରାଜ୍ୟ ବିହନ ନିଗମ ସରକାରୀ ସହଯୋଗରେ ନୂଆ ନୂଆ କିସମର ବିହନ ଉତ୍ପାଦନ କରି ଚାଷୀମାନଙ୍କୁ ଯୋଗେଇ ଦେବା ପାଇଁ ସକଳ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି । ସରକାରୀ ସ୍ତରରେ ବିହନ ପ୍ରସ୍ତୁତି, ଏହାର ସୁଚାରୁ ବଣ୍ଟନ ପାଇଁ ବିଭିନ୍ନ ନୀତି ନିୟମ ପ୍ରଣୟନ କରାଯାଇ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ।

କିନ୍ତୁ ପରିତାପର ବିଷୟ ଯେ ସେହି ସବୁଜ ବିପ୍ଳବର ସ୍ୱପ୍ନ ଓ ପରିକଳ୍ପନା ଆଜି ଚାଷୀ ପାଇଁ ବିଭିନ୍ନ କାରଣରୁ ଅଭିଶାପ ପାଲଟିଛି । ବିହନ ନୀତି ଓ ବ୍ୟବସ୍ଥା ସତ୍ତ୍ୱେ ଏବେ ବି ଚାଷୀମାନେ ଚାଷ କ୍ଷେତ୍ରରେ ବ୍ୟବହୃତ ସର୍ବମୋଟ ବିହନର ପ୍ରାୟ ୮୦ଭାଗ ଜମିରୁ ସଂଗ୍ରହ କରନ୍ତି । ସବୁଜ ବିପ୍ଳବ ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ସେ ବିଷୟରେ ଅଧିକାଂଶ ଚାଷୀ ଜାଣନ୍ତି ନାହିଁ । ପୁଣି ଉନ୍ନତମାନର ବିହନ କ'ଣ, କାହିଁକି, ଏହାର ଉତ୍ପାଦନ କ୍ଷମତା, ପ୍ରକ୍ରିୟା, ବ୍ୟବହାର ଓ ମୂଲ୍ୟ ନିର୍ଦ୍ଧାରଣ ଆଦି ସରକାରୀ ନୀତି ନିୟମ, ବ୍ୟବସ୍ଥା, ବିହନ ସଂରକ୍ଷଣ ଓ ଚାଷୀର ସ୍ୱାର୍ଥରକ୍ଷା ଆଦି ସମ୍ପର୍କରେ ସଚେତନ ନୁହନ୍ତି । ତେସ୍ତରିତମ ସଂବିଧାନର ଏକାଦଶ ଅନୁସୂଚୀରେ କୃଷିର ପ୍ରସାର ପାଇଁ ପଞ୍ଚାୟତକୁ କ୍ଷମତା ମିଳିଥିଲେ ହେଁ କୃଷିନୀତି ନିର୍ଦ୍ଧାରଣରେ ଅସଲ ମାଲିକ ତଥା ପ୍ରୟୋଗ କର୍ତ୍ତା ଚାଷୀର ସଂପୃକ୍ତି ଓ ମତାମତକୁ ଉପେକ୍ଷା କରାଯାଉଛି । ଫଳରେ ନୀତି ଓ ପ୍ରୟୋଗ ମଧ୍ୟରେ ବିରାଟ ଫାଙ୍କ ସୃଷ୍ଟି ହେବା ସହ ନୀତି ତ ଫସର ଫାଟୁଛି, କୃଷି କ୍ଷେତ୍ରରେ ଅଭାବନୀୟ କ୍ଷତି ଘଟୁଛି ।

ବର୍ତ୍ତମାନର ବିପର୍ଯ୍ୟସ୍ତ କୃଷି ବ୍ୟବସ୍ଥାର ଏହା ଏକ ମୁଖ୍ୟ କାରଣ ହୋଇଥିଲା ବେଳେ, ଜାତୀୟ ଓ ରାଜ୍ୟ କୃଷି ନୀତିଗତ ଅସମାନତା, ଅସ୍ପଷ୍ଟ ଓ ଦିଗହୀନ ନୀତି ଅଗଣିତ ଚାଷୀଙ୍କୁ ସୁହାଉ ତ ନାହିଁ, ବରଂ ବାଟବଣା କରିଛି ବୋଲି ଚାଷୀକୂଳ ଠାରୁ ବିଭିନ୍ନ ମହଲ ଯାଏଁ ଯେଉଁ କଥା ଉଠିଛି, ତାହା ସତ୍ୟ । ତେବେ ପ୍ରାମାଣିକ ବିହନ ଯୋଗାଣ ୨୫ ପ୍ରତିଶତରେ ପହଞ୍ଚାଯିବ ବୋଲି ପୂର୍ବରୁ ଯାହା କୁହାଯାଇଥିଲା; ଏବେ ନୂଆ ନୀତିରେ ସେହିକଥା ଦୋହରାଯାଇଛି ଓ ୨୦୦୮-୦୯ ସୁଦ୍ଧା ୫ଲକ୍ଷ କ୍ୱିଣ୍ଟାଲ ପ୍ରାମାଣିକ ବିହନ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି ।

ପୁଣି ଖୋଲାବଜାର ଅର୍ଥନୀତି କୃଷିଜାତ ସାମଗ୍ରୀର ବିଶ୍ୱସ୍ତରୀୟ ଦାମ୍ କରିଦେଇଥିଲା ବେଳେ ଚାଷୀର ଆୟ ସେହି ସ୍ତରରେ ହିଁ ରହିଛି । ବ୍ୟାଙ୍କଗୁଡ଼ିକର ସାହାଯ୍ୟ ନପାଇବାରୁ ଯେଉଁମାନେ ଚାଷୀଙ୍କୁ ସାର ବିହନ ଯୋଗାଉଛନ୍ତି ସେମାନେ ଏବେ ମାଲାମାଲ୍ । ଅର୍ଥକରୀ ଫସଲ ଆଶାରେ ଧାନଚାଷୀଟି ମରିଚିକା ପଛରେ ଧାଇଁ ନିରାଶ ହେବା ଓ ଶେଷରେ ମାନସିକ ଚାପ ସହି ନପାରି ଆତ୍ମହତ୍ୟା କରିବାକୁ ବାଧ ହେଉଛି । ତେବେ ଦେଶ ଓ ରାଜ୍ୟର ବିପର୍ଯ୍ୟସ୍ତ କୃଷି ବ୍ୟବସ୍ଥା, ଚାଷୀ ଦୁର୍ଦ୍ଦଶା ଓ ତତ୍‌ଜନିତ ଚାଷୀ ଆତ୍ମହତ୍ୟା ଘଟଣା ସମ୍ପର୍କରେ ମାଗାସେସ୍ ପୁରସ୍କାର ବିଜେତା ତଥା ଆନ୍ତର୍ଜାତିକ ଖ୍ୟାତନାମା ସାମ୍ବାଦିକ ଶ୍ରୀ ପି.ସାଇନାଥ ଓଡ଼ିଶା ଆସିଥିବା ବେଳେ ଯେଉଁଳି କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ କଲେ, ତାହା ଯେକୌଣସି କୃଷିପ୍ରେମୀ ଭାରତୀୟଙ୍କୁ ବ୍ୟଥିତ କରିବ ।

କୃଷିପ୍ରାଣ ଓଡ଼ିଶାରେ ୭୦ଭାଗରୁ ଉର୍ଦ୍ଧ୍ୱ ଲୋକ ସଂପୂର୍ଣ୍ଣରୂପେ କୃଷି ଉପରେ ନିର୍ଭର କରନ୍ତି । ଏ ଦୃଷ୍ଟିରୁ ରାଜ୍ୟ କୃଷି ନୀତିରେ ଚାଷ ଓ ଚାଷୀର ଆବଶ୍ୟକତା ଏବଂ ସ୍ୱାର୍ଥକୁ ହୃଦୟଙ୍ଗମ କରି ନୀତି ପ୍ରଣୟନ ଓ କାର୍ଯ୍ୟକାରୀ ହେବା ଦରକାର । ଏଥିସାଙ୍ଗକୁ କୃଷିଶିକ୍ଷାର ବିସ୍ତାରକୁ ପ୍ରାଥମିକତା ଦେବା ସହ ସଚେତନତା ସୃଷ୍ଟି, ତାଲିମ ଆଦିର ବହୁଳ ପ୍ରସାର, ବିପର୍ଯ୍ୟସ୍ତ କୃଷି ସମ୍ପ୍ରସାରଣ ସେବା ବ୍ୟବସ୍ଥାରେ ସୁଧାର ଆଣିବା ସମେତ ଶିକ୍ଷିତ କୃଷକସମାଜ ଗଠନ ଓ ତାହାର ବିକାଶ ଘଟାଇବା ଜରୁରୀ ।

ବର୍ତ୍ତମାନ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଜିଲ୍ଲାସ୍ତରୀୟ ଅଣୁଯୋଜନାକୁ ଗୁରୁତ୍ୱ ଦିଆଯାଇଛି । ଯଦ୍ୱାରା କି ଚାଷୀଭାଇମାନେ ମଧ୍ୟ ସହଭାଗୀ ଗ୍ରାମ କୃଷି ଯୋଜନା ପ୍ରସ୍ତୁତ କରି 'ବିହନ ଗ୍ରାମ' ଯୋଜନାକୁ ସାମିଲ କରିପାରିବେ । ଏ ଦିଗରେ ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, କୃଷି ଗବେଷଣା ପ୍ରତିଷ୍ଠାନ, ବିହନ ନିଗମ, ଗଣମାଧ୍ୟମଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଚାଷୀ ମଧ୍ୟ ଜାଣିରଖିବା ଦରକାର ଯେ ଏଇ କୃଷିର ଦେଶ ତା'ର । କୃଷି ଓ କୃଷକର ସୁରକ୍ଷା ତା'ର ଅଧିକାର ।

ଅନୁପମା ଦାଶ

# ବିହନ ନୀତି : ବିକାଶ ଓ ବ୍ୟବସ୍ଥା

## ବିହନର କ୍ରମ ବିକାଶ

କୃଷି ଉତ୍ପାଦନ ପାଇଁ ବିହନ ଏକ ଅତ୍ୟାବଶ୍ୟକ ମୌଳିକ ଉପାଦାନ । କୃଷିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀର ଫଳପ୍ରଦ ବ୍ୟବହାର ପାଇଁ ଏହା ଏକ ପ୍ରଧାନ ଉତ୍ପ୍ରେରକ ରୂପେ କାର୍ଯ୍ୟ କରିଥାଏ । ପୋଷଣୀୟ ଉତ୍ପାଦନ ଓ ଅମଳ ବୃଦ୍ଧି, ଅଧିକ ଲାଭ ହାସଲ, ଜୈବ ବିବିଧତାର ସଂରକ୍ଷଣ ତଥା ପରିବେଶର ସୁରକ୍ଷା ନିମନ୍ତେ ବିହନର ଭୂମିକା ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଅଟେ । ଭାରତର 'ସବୁଜ ବିପ୍ଳବ'ରେ ବିହନ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲା ଏବଂ ଆଗାମୀ ଦଶନ୍ଧିମାନଙ୍କ-ରେ ମଧ୍ୟ ଏପରି ଭୂମିକା ଯେ ଗ୍ରହଣ କରିବ, ଏଥିରେ ସନ୍ଦେହ ନାହିଁ ।

**ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାରେ ପାଖାପାଖି ଶତକଡ଼ା ୭୫ଭାଗ ଲୋକ ଚାଷ ଉପରେ ହିଁ ନିର୍ଭର କରିଥାନ୍ତି । ପ୍ରତ୍ୟେକ ଚାଷୀ କୃଷି କ୍ଷେତ୍ରରେ ଉତ୍ପାଦନ ବଢ଼ାଇ ନିଜର ଖାଦ୍ୟ ଚାହିଦା ମେଣ୍ଟାଇବା ସହିତ ଅଧିକ ରୋଜଗାରକ୍ଷମ ହେବାର ଲକ୍ଷ୍ୟ ରଖିଥାନ୍ତି । ମାତ୍ର ଭଲ ଉତ୍ପାଦନ ପାଇଁ ଭଲ ବିହନର ଉପାଦେୟତାକୁ ସମସ୍ତେ ଉପଲବ୍ଧି କରନ୍ତି । "ଯେପରି ବିହନ ବୁଣିବ, ସେପରି ଅମଳ ପାଇବ"-ଏହି ଲୋକପ୍ରିୟ ଉକ୍ତିରୁ ଉତ୍ତମ ବିହନର ତାତ୍ପର୍ଯ୍ୟ ସହଜରେ ଅନୁମେୟ । ଏହି ବିହନର କ୍ରମବିକାଶ କିପରି ହୋଇଛି ଏବଂ ଏ ସଂପର୍କରେ କ'ଣ ନୀତିଗତ ବ୍ୟବସ୍ଥା ଅଛି, ଆସନ୍ତୁ ଜାଣିବା ।**

କାହିଁ କେଉଁ ପୁରୁଣା କାଳରୁ ଯଜୁର୍ବେଦରେ କୃଷି କାର୍ଯ୍ୟରେ ବିହନର ଉପାଦେୟତାକୁ ଉପଲବ୍ଧି କରି ଏହାକୁ ପ୍ରାଥମିକ ସଂପଦ ହିସାବରେ ସ୍ୱୀକୃତି ପ୍ରଦାନ କରାଯାଇଛି । ଖ୍ରୀଷ୍ଟପୂର୍ବ ୪୦୦ରେ ମହର୍ଷି ପରାଶର ବିହନକୁ ଅଧିକ ଅମଳର ଉତ୍ସ ରୂପେ ଉଲ୍ଲେଖ କରିଥିଲେ । ଖ୍ରୀଷ୍ଟପୂର୍ବ ୩୨୧ରୁ ୨୯୬ ମଧ୍ୟରେ କୌଟିଲ୍ୟ ଏବଂ ୫୦୫ ରୁ ୫୮୭ ଖ୍ରୀଷ୍ଟାବ୍ଦ ବରାହମିହିର ଉତ୍କୃଷ୍ଟ ଚାରା ପ୍ରସ୍ତୁତି, ଅଙ୍ଗୀୟ ବୃଦ୍ଧି ତଥା ବିହନର ଅଂକୁରଣ ପାଇଁ ବିହନକୁ କ୍ଷୀର, ମହୁ, ଗୋବର, ଉଦ୍ଭିଦ ରସ, ହଳଦୀ ଓ ଘିଅ ସହ ଉପଚାର କରିବାକୁ ପରାମର୍ଶ ଦେଇଥିଲେ । ଖ୍ରୀଷ୍ଟପୂର୍ବ ୨୦୦ ବେଳକୁ ମନୁ ମତ ଦେଇଥିଲେ ଯେ ଉତ୍ତମ ମାଟିରେ ଉତ୍ତମ ବିହନ ପ୍ରଚୁର ଅମଳ ଦେଇଥାଏ । ଏପରିକି ସେ ସମୟରେ ବିହନର ମାନ ନିୟନ୍ତ୍ରଣ ପାଇଁ ନିମ୍ନମାନର ବିହନ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଉଥିଲା । ଏବେ ମଧ୍ୟ ଆଦିବାସୀ ସଂସ୍କୃତିରେ 'ବାଲି ପରବ' ପାଳନ ବେଳେ ଦିଶାରୀ ବା ପୂଜକମାନଙ୍କ ଦ୍ୱାରା ବିହନର ମାନ ପରୀକ୍ଷା କରିବାର ବ୍ୟବସ୍ଥା ରହିଛି ।

### ଉତ୍ତମ ବିହନର ବିବର୍ତ୍ତନ

ଭାରତରେ ୧୯୬୬ ମସିହାରେ ପ୍ରଣୟନ କରାଯାଇଥିବା ବିହନ ଆଇନ୍‌କୁ ପାଥେୟ କରି ଆମ ଦେଶର କେନ୍ଦ୍ରୀୟ ସବ୍‌କମିଟି ୧୯୯୮ ମସିହା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ୨୬୬୨ଟି କିସମର ବିହନକୁ ଚିହ୍ନଟ କରି ଅଧିସୂଚିତ କରିଛନ୍ତି । ପ୍ରତିବର୍ଷ ଏପରି ବିହନ କିସମର ସଂଖ୍ୟା ବୃଦ୍ଧି ପାଇ ଚାଲିଛି ।

ମସିହା ୧୮୭୧ରେ ଦୁର୍ଭିକ୍ଷ କମିଶନ୍ ତାଙ୍କ ରିପୋର୍ଟରେ ବିହନର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇଥିଲେ । ଏହି ରିପୋର୍ଟକୁ ଭିତ୍ତି କରି ପରବର୍ତ୍ତୀ ସମୟରେ ୧୯୦୫ ରୁ ୧୯୦୭ ମସିହା ମଧ୍ୟରେ ବିହାରର ପୁଷାଠାରେ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ଓ ଅନ୍ୟ ୬ଟି ସ୍ଥାନରେ ୬ଟି କୃଷି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ୧୯୧୨ ମସିହାରେ କଲିକତାଠାରେ ପ୍ରଥମ ଘରୋଇ ବିହନ ଉତ୍ପାଦନକାରୀ ସଂସ୍ଥା 'ସଟନ୍ ଏବଂ ସନ୍‌ସ୍' ଗଠିତ ହୋଇଥିଲା । କୃଷି ରୟାଲ୍ କମିଶନ୍ ୧୯୨୫ ମସିହାରେ ଉତ୍ତମ ବିହନ କିସମର ପ୍ରବର୍ତ୍ତନ ଓ ଅଧିକ ବ୍ୟବହାର ପାଇଁ ଅନୁମୋଦନ କରିଥିଲେ । ଏହା ପରଠାରୁ ଉତ୍ତମ ବିହନ ଉପରେ ସମୀକ୍ଷା କରାଯାଇ ଏହାର ବ୍ୟବସାୟୀକରଣ କରାଗଲା । ଗତ ଚାରି ଦଶନ୍ଧି ମଧ୍ୟରେ ସରକାରୀ, ଘରୋଇ ସଂସ୍ଥା ଏବଂ ଚାଷୀଙ୍କର ମିଳିତ ଉଦ୍ୟମ ଫଳରେ ବିହନ ଉତ୍ପାଦନ କ୍ଷେତ୍ରରେ ବହୁ ଅଭିବୃଦ୍ଧି ଘଟିଛି ।

### ବିହନ ଶିଳ୍ପ ପାଇଁ ସରକାରୀ ପ୍ରୋତ୍ସାହନ

ବିହନ ଉତ୍ପାଦନ ପ୍ରଣାଳୀରେ ବ୍ରିଡର୍ ବା ପ୍ରଜଜକ ବିହନ, ଫାଉଣ୍ଡେସନ୍ ବା ପିଣ୍ଡ ବିହନ ଓ ସାର୍ଟିଫାଏଡ୍ ବା ପ୍ରାମାଣିକ ବିହନ – ଏହିପରି ତିନି ପିଢ଼ିର ବିହନ ଉତ୍ପାଦନ ପାଇଁ ସ୍ୱୀକୃତି ଦିଆଯାଇଛି । ବ୍ରିଡର୍ ବା ପ୍ରଜଜକଙ୍କ ଠାରୁ ଚାଷୀଙ୍କ ନିକଟରେ ବିହନ ପହଞ୍ଚିବା ପାଇଁ ବିହନ ଉତ୍ପାଦନରେ ଶୃଙ୍ଖଳା ଓ ଶୁଦ୍ଧତା ଉପରେ କଡ଼ା ସୁରକ୍ଷା ସହ ମାନ ନିର୍ଦ୍ଧାରଣ ପାଇଁ ଗୁରୁତ୍ୱ ଦିଆଯାଇଛି । ମସିହା ୧୯୯୯-୨୦୦୦ରେ ଆମ ଦେଶରେ ମୋଟ ୯.୧ ନିୟୁତ ଟନ୍‌ର ପ୍ରାମାଣିକ ଓ ଉଚ୍ଚମାନର ବିହନ ବଣ୍ଟନ କରାଯାଇଥିଲା । ଆମ ଦେଶରେ ବିହନ ଶିଳ୍ପ କ୍ଷେତ୍ରରେ ଜାତୀୟ ବିହନ ନିଗମ, ଭାରତୀୟ ରାଜ୍ୟ କୃଷିକ୍ଷେତ୍ର ନିଗମ, ୧୩ଟି ରାଜ୍ୟ ବିହନ ନିଗମ ଓ ପ୍ରାୟ ୧୫୦ଟି ମୁଖ୍ୟ ଘରୋଇ ଉତ୍ପାଦନକାରୀ ସଂସ୍ଥା ନିୟୋଜିତ ।

ଦେଶରେ ବିହନ ବିପଣନ କ୍ଷେତ୍ରରେ ମାନ ନିୟନ୍ତ୍ରଣ ପାଇଁ '୧୯୬୬ ବିହନ ଆଇନ୍'ରେ ଏକ ବୈଧାନିକ ଢାଞ୍ଚାର ବ୍ୟବସ୍ଥା ରହିଛି । ଉତ୍ତମ ବିହନ ଉତ୍ପାଦନ ଓ ବଣ୍ଟନ ପାଇଁ ସରକାର 'ବିହନ ନିୟନ୍ତ୍ରଣ ଆଦେଶ ୧୯୮୩'ର ପ୍ରଚଳନ ମଧ୍ୟ କରିଛନ୍ତି । ମସିହା ୨୦୦୧ରେ 'ବିହନ କିସମ ସଂରକ୍ଷଣ ଓ ଚାଷୀ ଅଧିକାର ଆଇନ୍' ପ୍ରଣୟନ କରାଯାଇଛି । ଏହାଦ୍ୱାରା ପ୍ରଜଜକଙ୍କ ବୌଦ୍ଧିକ ସମ୍ପଦର ସୁରକ୍ଷା ସହିତ ଚାଷୀଙ୍କ ଅଧିକାରକୁ ସଂଯୁକ୍ତ କରାଯାଇଛି ଏବଂ ନୂତନ ବିହନ କିସମ ବାହାର କରିବା ନିମନ୍ତେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ପୁଞ୍ଜିନିବେଶକୁ ଉତ୍ସାହିତ ମଧ୍ୟ କରାଯାଇଛି । ଏହାଛଡ଼ା '୧୯୬୬ ବିହନ ଆଇନ୍'ରେ କିଛି ପରିବର୍ତ୍ତନ ପାଇଁ ଏକ ନୂତନ ବିହନ ବିଧେୟକ ଚିଠା ପ୍ରସ୍ତୁତ କରାଯାଇଛି । ଏହି ବିହନ ବିଧେୟକ ଚିଠା କେନ୍ଦ୍ର ମନ୍ତ୍ରୀମଣ୍ଡଳର ଔପଚାରିକ ଅନୁମୋଦନ ଲାଭ କରିବା ସହ ଏକ ନୂତନ 'ବିହନ ଆଇନ୍ ୨୦୦୫' ରୂପେ ପ୍ରଣୟନ ହେବା ପାଇଁ ପ୍ରସ୍ତୁତ ହୋଇରହିଛି ।

## ବିହନ ଓ ଏହାର ପ୍ରକାରଭେଦ

### ବିହନ କହିଲେ କ'ଣ ?

ବୈଷୟିକ ଦୃଷ୍ଟିକୋଣରୁ ବିହନ ହେଉଛି ଏକ ନୂତନ ଉଦ୍ଭିଦର ଭ୍ରୂଣ, ଯାହାକି ଡିମ୍ବାଣୁ ସହ ପରାଗ ପେଟିକାର ଗର୍ଭାଧାନରୁ ସୃଷ୍ଟି ହୋଇ ଏକ ବାହ୍ୟ ଆବରଣ ଦ୍ୱାରା ଆବୃତ ହୋଇଥାଏ । '୧୯୬୬ ବିହନ ଆଇନ୍'ରେ ବ୍ୟବହାର କରାଯାଇଥିବା ସଂଜ୍ଞା ଅନୁସାରେ ବିହନର ଶ୍ରେଣୀ ବ୍ୟାପକ, ଯାହାକି ବୁଣିବା ବା ରୋପଣ ପାଇଁ ବ୍ୟବହାର କରାଯାଏ । ଏପରି ବିହନ ହେଲା ଖାଦ୍ୟଶସ୍ୟ, ତୈଳବୀଜ, ଫଳ, ପନିପରିବା, କପା ଓ ଗୋ-ଖାଦ୍ୟ ଫସଲର ବୀଜ ଏବଂ ବିଭିନ୍ନ ଫସଲର ବୃଦ୍ଧି ପାଇଁ ଆବଶ୍ୟକ ଉଦ୍ଭିଦର ଯେକୌଣସି ଅଂଶ ବିଶେଷ । ଉତ୍ତମ ବିହନ ସାଧାରଣତଃ ସମ ଆକୃତି ବିଶିଷ୍ଟ, ଏକ ମଞ୍ଚା, ସୁସ୍ଥ ସବଳ, ରୋଗ ଓ ପୋକ ମୁକ୍ତ, ନିର୍ଦ୍ଦିଷ୍ଟ ବଂଶଜ ଓ ଅଙ୍କୁରଣକ୍ଷମ ହେବା ସହିତ ବାହ୍ୟ ଅପମିଶ୍ରଣରୁ ମୁକ୍ତ ରହିବା ଆବଶ୍ୟକ ।

## ବିହନର ବିଭିନ୍ନ କିସମ

### ◆ ବ୍ରିଡର୍ ବା ପ୍ରଜଜକ ବିହନ

ବ୍ରିଡର୍ ବା ପ୍ରଜଜକ ବିହନ ହେଉଛି ପ୍ରଥମ ପିଢ଼ିର ବିହନ ଯାହାକି ସଂକରୀକରଣ କିମ୍ବା ଚୟନ କିମ୍ବା ନବୋଦ୍ଭବନ ପ୍ରଣାଳୀରେ ଆସିଥିବା ଜାୟକ ଜୀବକ ବା ଜର୍ମପ୍ଲାଜ୍‌ମ ଅଥବା ମୂଳ ବିହନରୁ ବାହାରିଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ପିଣ୍ଡ ବିହନର ଉତ୍ସ । ଏହି ବିହନ ଅତ୍ୟନ୍ତ ଶୁଦ୍ଧ ଯାହାକି ପରବର୍ତ୍ତୀ କାଳରେ ନୂଆ ପିଢ଼ିର ବିହନ ସୃଷ୍ଟି ପାଇଁ ସହାୟକ ହୋଇଥାଏ । ଏହି ବିହନ ସିଧାସଳଖ ପ୍ରଜଜକ କିମ୍ବା ପ୍ରାୟୋଜିତ ପ୍ରଜଜକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏପରି ବିହନର ଉତ୍ପାଦନ ଜଣେ ଶିକ୍ଷିତ ବ୍ରିଡର୍ ବା ପ୍ରଜଜକଙ୍କର ତତ୍ତ୍ୱାବଧାନରେ ହୋଇଥାଏ । ଉକ୍ତ ବିହନର ଶୁଦ୍ଧତା, ଅପମିଶ୍ରଣ ଭାଗ ଓ ଅଙ୍କୁରୋଦ୍‌ଗମ କ୍ଷମତା ଇତ୍ୟାଦି ନାମ ଫଳକରେ ସୂଚିତ କରାଯାଇଥାଏ ।

### ◆ ଫାଉଣ୍ଡେସନ୍ ବା ପିଣ୍ଡ ବିହନ

ଆନୁବଂଶିକ ବିଶୁଦ୍ଧତା ଦୃଷ୍ଟିରୁ ପିଣ୍ଡ ବିହନ ଦ୍ୱିତୀୟ ପିଢ଼ିର ବିହନ । ଏହା ବ୍ରିଡର୍ ବା ପ୍ରଜଜକ ବିହନରୁ ସୃଷ୍ଟି ହୋଇଥାଏ । ଏହାକୁ ପିଣ୍ଡ ବିହନରୁ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ସୃଷ୍ଟି କରଯାଇପାରେ । ବ୍ରିଡର୍ ବିହନରୁ ସୃଷ୍ଟ ପିଣ୍ଡ ବିହନକୁ ୧ମ ସ୍ତରୀୟ ପିଣ୍ଡ ବିହନ ଓ ଏଥିରୁ ସୃଷ୍ଟ ବିହନକୁ ୨ୟ ସ୍ତରୀୟ ପିଣ୍ଡ ବିହନ କୁହାଯାଇଥାଏ । ଏହି ଦୁଇ କିସମ ପିଣ୍ଡ ବିହନରେ ସର୍ବନିମ୍ନ ବିହନ ପ୍ରମାଣୀକରଣ ମାନ ସମାନ ହୋଇଥାଏ । ଉଭୟ କିସମର ବିହନରେ ଧଳା ରଂଗର ନାମ ଫଳକ ବ୍ୟବହାର କରାଯାଇଥାଏ । ବିହନ ପ୍ରମାଣୀକରଣ ସଂସ୍ଥାର ତତ୍ତ୍ୱାବଧାନରେ ଏହି ଦୁଇ ଶ୍ରେଣୀର ପିଣ୍ଡ ବିହନ ପ୍ରସ୍ତୁତ କରାଯାଏ ଓ ଏଥିରେ ନିର୍ଦ୍ଦିଷ୍ଟ ଆନୁବଂଶିକ ଶୁଦ୍ଧତା ଓ ଅନ୍ୟାନ୍ୟ ଚିହ୍ନର ସଂକେତ ଥାଏ ।

◆ **ସାର୍ଟିଫାଏଡ୍ ବା ପ୍ରାମାଣିକ ବିହନ**

ସାର୍ଟିଫାଏଡ୍ ବା ପ୍ରମାଣିକ ବିହନ ପିଣ୍ଡ ବିହନର ପରବର୍ତ୍ତୀ ପିଢ଼ି । ପ୍ରମାଣୀକରଣ ପାଇଁ ଉଦ୍ଦିଷ୍ଟ ବିହନ ଉତ୍ପାଦନ ସମୟରେ ଆନୁବଂଶିକ ଶୁଦ୍ଧତା ପ୍ରତି ଦୃଷ୍ଟିଦେବା ଆବାଶ୍ୟକ । ପ୍ରାମାଣିକ ବିହନରୁ ମଧ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାମାଣିକ ବିହନ ସୃଷ୍ଟି କରାଯାଇପାରେ । ତେବେ ଏହା ୧ମ ସ୍ତରୀୟ ପିଣ୍ଡ ବିହନରୁ ସୃଷ୍ଟ ତିନୋଟି ପିଢ଼ିରୁ ଅଧିକ ହୋଇପାରିବ ନାହିଁ । ଏପରିସ୍ଥଳେ ଏହି ବିହନର ଆନୁବଂଶିକ ଶୁଦ୍ଧତା ଅପରିବର୍ତ୍ତିତ ରହିଛି କି ନାହିଁ ତାହା ପ୍ରମାଣୀକରଣ ସଂସ୍ଥା ତଦାରଖ କରିଥାନ୍ତି ।

◆ **ଲେବଲ୍ଡ ବା ଫଳକ ଚିହ୍ନିତ ବିହନ**

ବିଭିନ୍ନ ଫସଲର କେତେକ କିସମ ବିହନକୁ ଆଇନ୍ ୧୯୬୬ର ଧାରା ୫ ଅନୁଯାୟୀ ଗଠିତ ଏକ ସ୍ୱତନ୍ତ୍ର କମିଟିର ପରାମର୍ଶକ୍ରମେ ବିଭିନ୍ନ ରାଜ୍ୟ ତଥା ଅଞ୍ଚଳ ପାଇଁ ସରକାରୀ ଅଧିସୂଚନା ଜାରି କରାଯାଇଥାଏ । ବଜାରରେ ବିକ୍ରୟ ପାଇଁ ୧୯୬୬ ବିହନ ଆଇନ୍‌ର ଧାରା୬(କ) ଓ (ଖ) ଅନୁଯାୟୀ ଏପରି ବିହନର ଗୁଣାତ୍ମକମାନ ଏକ ନାମ ଫଳକ ଦ୍ୱାରା ସୂଚିତ ହେବା ଆବଶ୍ୟକ । ଅନ୍ୟ ଅର୍ଥରେ କହିବାକୁ ଗଲେ ଏପରି ବିହନରେ ବିହନ ଆଇନ୍ ୧୯୬୬ଧାରା ୬(କ) ଅନୁଯାୟୀ ସର୍ବନିମ୍ନ ଅଙ୍କୁରଣ କ୍ଷମତା ଓ ଶୁଦ୍ଧତା ସୂଚକ ନାମ ଫଳକ ଲାଗିଥାଏ ।

◆ **ପାରମ୍ପରିକ ବିହନ**

ଚାଷୀମାନେ ଆଦିମ କାଳରୁ ବଂଶାନୁକ୍ରମେ ବିଭିନ୍ନ ବିହନ ଉତ୍ପାଦନ କରି ଏହାକୁ ବ୍ୟବହାର କରିଆସୁଛନ୍ତି । ଏପରି ବିହନକୁ ପାରମ୍ପରିକ ବିହନ କୁହାଯାଏ ଓ ଏହାର ସରକାରଙ୍କ ଦ୍ୱାରା ଅଧିସୂଚିତ ତଥା ବଣ୍ଟନ କରାଯାଉଥିବା ଅଧିକ ଅମଳକ୍ଷମ କିମ୍ବା ଶଙ୍କର ଜାତୀୟ ବିହନଠାରୁ ଭିନ୍ନ ଅଟେ । ଚାଷୀମାନେ ବହୁ ସମୟରେ ସରକାରୀ ସଂସ୍ଥା ମାଧ୍ୟମରେ ଉପଲବ୍ଧ ଉଚ୍ଚମାନର ବିହନ ସହଜରେ ପାଇପାରୁନଥିବାରୁ ଏ ପ୍ରକାର ପାରମ୍ପରିକ ବିହନ ନିଜେ ସାଇତି ରଖନ୍ତି ଓ ବ୍ୟବହାର କରନ୍ତି ।

◆ **ହାଇବ୍ରିଡ୍ ବା ଶଙ୍କର କିସମ ବିହନ**

କୃତ୍ରିମ ଉପାୟରେ ପରପରାଗ ସଂଗମ ଦ୍ୱାରା ସୃଷ୍ଟି କରାଯାଉଥିବା ବିହନକୁ ଶଙ୍କର କିସମ ବିହନ କୁହାଯାଏ । ଅଧିକ ଅମଳକ୍ଷମତା, ସର୍ବସମତା, ଉନ୍ନତ ରଂଗ ଓ ରୋଗ-ପୋକ ପ୍ରତିରୋଧକ ଶକ୍ତି ଇତ୍ୟାଦି ଗୁଣସବୁ ପାଇବା ପାଇଁ ଏହି ବିହନ ସୃଷ୍ଟି କରାଯାଏ ।

ଏ ପ୍ରକାର ଶଙ୍କର କିସମ ବିହନ କୃଷିକ୍ଷେତ୍ର ଓ ବଗିଚାରେ ବ୍ୟବହାର କରି ବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଅଭୂତପୂର୍ବ ସଫଳତା ହାସଲ କରାଯାଇପାରିଛି । ଥରେ ବ୍ୟବହାର କରିବା ପରେ ଏପରି ବିହନର ଅମଳକ୍ଷମତା କମିଯାଉଥିବାରୁ ଏହାକୁ ଦ୍ୱିତୀୟ ଥର ବ୍ୟବହାର କରାଯିବା ଉଚିତ୍ ନୁହେଁ । ତେଣୁ ପ୍ରତ୍ୟେକ ଥର ଫସଲ ପାଇଁ ନୂଆ ବିହନର ପ୍ରୟୋଗ ଆବଶ୍ୟକ ।

**ଶଙ୍କର ଓ ଅଧିକ ଅମଳକ୍ଷମ କିସମ ବିହନ ମଧ୍ୟରେ ଥିବା ପ୍ରଭେଦ**

**ଶଙ୍କର କିସମ ବିହନ**

ଦୁଇଟି ଭିନ୍ନ କିସମ ଉଦ୍ଭିଦର ସଂଗମରେ ଯେଉଁ ନୂତନ କିସମଟି ସୃଷ୍ଟି ହୁଏ, ତାହାର ପ୍ରଥମ ସନ୍ତାନକୁ ଶଙ୍କର ବା ହାଇବ୍ରିଡ୍ କୁହାଯାଏ । ଉଭୟ ଉଦ୍ଭିଦର କେତେକ ବିଶେଷ ଗୁଣକୁ ଆଧାର କରି ସ୍ୱପରାଗ ସଂଗମ ପରିବର୍ତ୍ତେ ପରପରାଗ ପଦ୍ଧତିରେ ହାଇବ୍ରିଡ୍ କିସମ ସୃଷ୍ଟି କରାଯାଏ । ଏହି କିସମ ଥରେ ମାତ୍ର ବ୍ୟବହାର କରାଯାଇପାରିବ । ଏହାକୁ ଦ୍ୱିତୀୟ ଥର ବ୍ୟବହାର କଲେ ଉକ୍ତ ଫସଲରୁ ନିର୍ଦ୍ଦିଷ୍ଟ ଗୁଣ କିମ୍ବା ଅମଳ ମିଳେ ନାହିଁ । ଫଳରେ ଚାଷୀ ବାରମ୍ବାର ଶଙ୍କର ବା ହାଇବ୍ରିଡ୍ କିସମ ବିହନ ଅଧିକ ମୂଲ୍ୟରେ କିଣିବା ପାଇଁ ବାଧ୍ୟ ହୁଏ ।

**ଧାନର ହାଇବ୍ରିଡ୍ କିସମ ହେଲା :** କେ.ଆର୍.ଏଚ୍-୨, ପି.ଏ.-୬୨୦୧, ପୁଷା.ଆର୍.ଏଚ୍.-୧୦, ଡି.ଆର୍.ଏଚ୍-୨, ପି.ଏଚ୍.ବି.-୭୧ ।

**ଅଧିକ ଅମଳକ୍ଷମ କିସମ ବିହନ**

ଅଧିକ ଅମଳ ଓ କେତେକ ବିଶେଷ ଗୁଣ ପାଇଁ ଗଣ ଚୟନ, ବିଶୁଦ୍ଧ ଶ୍ରେଣୀ ନିର୍ବାଚନ, ନବୋଦ୍ଭବନ ବା ସଙ୍କରୀକରଣ ପ୍ରଣାଳୀରେ ଅଧିକ ଅମଳକ୍ଷମ ବିହନ ପ୍ରସ୍ତୁତ କରାଯାଏ । ଏହାକୁ ଏଚ୍‌ୱାଇଭି ବିହନ ମଧ୍ୟ କୁହାଯାଏ । ଏ ପ୍ରକାର ବିହନ ପ୍ରଜଜକ ବିହନ, ପିଣ୍ଡ ବିହନ ବା ପ୍ରାମାଣିକ ବିହନ ହୋଇପାରେ । ଅଧିକ ଅମଳକ୍ଷମ ପ୍ରାମାଣିକ ବିହନକୁ ଅତିବେଶୀରେ ତିନିଥର ପର୍ଯ୍ୟନ୍ତ ବ୍ୟବହାର କରିବା ଭଲ ।

**ଧାନର ଅଧିକ ଅମଳକ୍ଷମ କିସମ ହେଲା :** ପାରିଜାତ, ଲଲାଟ, ସ୍ୱର୍ଣ୍ଣ, ଗାୟତ୍ରୀ, ସାବିତ୍ରୀ, ତୁଳସୀ ଇତ୍ୟାଦି ।

◆ **ରୂପାନ୍ତରିତ ବା ଗୁଣସୂତ୍ର ପରିବର୍ତ୍ତିତ ବିହନ**

ମୂଳ ବିହନର କେତେକ ଅନ୍ତଃ ଆନୁବଂଶିକ ଗୁଣକୁ ରୂପାନ୍ତର କରାଯାଇ ନୂତନ କିସମର ବିହନ କୃତ୍ରିମ ଉପାୟରେ ସୃଷ୍ଟି କରାଯାଇଥାଏ । ଏପରି ବିହନକୁ ଜେନେଟିକାଲି ରୂପାନ୍ତରିତ ବା ଟ୍ରାନ୍ସଜେନିକ୍ ବା ଗୁଣସୂତ୍ର ପରିବର୍ତ୍ତିତ ବିହନ କୁହାଯାଏ । ଏହି ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ଥିବା ବିହନ କିସମ ବାହାର କରାଯାଇଛି । ବିଟି କାର୍ପାସ ଓ ବିଟି ବାଇଗଣ ଇତ୍ୟାଦି ଏହପରି ଗୁଣସୂତ୍ର ରୂପାନ୍ତରିତ ବିହନ କିସମ । ଏ ପ୍ରକାର ବିହନ କିସମରେ 'ବାସିଲସ୍ ଥୁରିନ୍‌ଜିଏନ୍‌ସିସ୍' ବା 'ବିଟି' ନାମକ ବ୍ୟାକ୍ଟେରିଆର ଗୁଣସୂତ୍ର ସ୍ଥାପନ କରାଯାଇଛି ।

## ଓଡ଼ିଶା : ବିହନ ଉତ୍ପାଦନ, ପ୍ରମାଣୀକରଣ ଓ ପରିବର୍ତ୍ତନ ହାର

'ବିହନ ଆଇନ୍ ୧୯୬୬' ଅନୁସାରେ ଓଡ଼ିଶା ସରକାର ତିନି ପିଢ଼ିର ବିହନ ଉତ୍ପାଦନ ମଡେଲ୍ ଅବଲମ୍ବନ କରୁଛନ୍ତି । ରାଜ୍ୟ ସରକାରଙ୍କ '୧୯୯୬ କୃଷି ନୀତି'ରେ ମଧ୍ୟ ପ୍ରଜଜକ ବିହନ, ପିଣ୍ଡ ବିହନ ଓ ପ୍ରାମାଣିକ ବିହନ - ଏହିପରି ତିନି ସ୍ତରୀୟ ବିହନ ଉତ୍ପାଦନ ଓ ବଣ୍ଟନର ବ୍ୟବସ୍ଥା ରହିଛି ।

◆ **ବ୍ରିଡର ବା ପ୍ରଜଜକ ବିହନ ଉତ୍ପାଦନ**

ବ୍ରିଡର୍ ବା ପ୍ରଜଜକ ବିହନ ପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଓ ଭାରତୀୟ କୃଷି ଗବେଷଣା ପରିଷଦ ଦେଶରେ କାର୍ଯ୍ୟରତ ବ୍ରିଡର୍ କିମ୍ବା ପ୍ରାୟୋଜିତ ବ୍ରିଡର୍‌ମାନଙ୍କୁ ଚିହ୍ନଟ କରି ବିଜ୍ଞପ୍ତି ପ୍ରକାଶ କରନ୍ତି । ରାଜ୍ୟ ସରକାର ରାଜ୍ୟରେ ବ୍ରିଡର୍ ବିହନର ଚାହିଦାକୁ ଆକଳନ କରି ତିନି ବର୍ଷ ପୂର୍ବରୁ କେନ୍ଦ୍ର କୃଷି ମନ୍ତ୍ରଣାଳୟକୁ ଜଣାଇଥାନ୍ତି । ବିଭିନ୍ନ ରାଜ୍ୟର ଚାହିଦାକୁ ଦୃଷ୍ଟିରେ ରଖି କେନ୍ଦ୍ର କୃଷି ମନ୍ତ୍ରଣାଳୟ ଏହାର ଉତ୍ପାଦନ ପାଇଁ ସଂପୃକ୍ତ ବ୍ରିଡର୍‌ମାନଙ୍କୁ ଜଣାନ୍ତି । ଦେଶର ବିଭିନ୍ନ ପ୍ରାନ୍ତରେ ଏ ପ୍ରକାର ବିହନ ଉତ୍ପାଦନ ପରେ କେନ୍ଦ୍ରସରକାର ରାଜ୍ୟ ସରକାରମାନଙ୍କୁ ଏହାର ସଂଗ୍ରହ ପାଇଁ ଜଣାନ୍ତି । ଆମ ରାଜ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏପ୍ରକାର ବ୍ରିଡର୍ ବିହନ ଉତ୍ପାଦନ ପାଇଁ ଚିହ୍ନିତ ହୋଇଛି । ବ୍ରିଡର୍‌ମାନେ ନିର୍ଦ୍ଦିଷ୍ଟ ଫସଲର ସହଳ, ମଧ୍ୟମ ଓ ବିଳମ୍ବ କିସମର ବ୍ରିଡର୍ ବିହନ ପ୍ରସ୍ତୁତ କରିବାର ଦାୟିତ୍ୱ ଦେଇଛନ୍ତି । ଏ ପ୍ରକାର ବିହନ ପ୍ରସ୍ତୁତି ପାଇଁ ବ୍ରିଡର୍‌ମାନେ ମୌଳିକ ବିହନ ବସ୍ତୁ ବା ଜର୍ମପ୍ଲାଜମ୍ ସଂଗ୍ରହ କରିଥାନ୍ତି ।

◆ **ଫାଉଣ୍ଡେସନ୍ ବା ପିଣ୍ଡ ବିହନ ଉତ୍ପାଦନ**

'ଜାତୀୟ ବିହନ ନୀତି ୨୦୦୨' ଅନୁଯାୟୀ ପ୍ରଜଜକ ବିହନ କିମ୍ବା ୨ୟ ସ୍ତରୀୟ ପିଣ୍ଡ ବିହନରୁ ପ୍ରମାଣୀକରଣ ସଂସ୍ଥାର ଅନୁମୋଦନ କ୍ରମେ ପିଣ୍ଡ ବିହନର ଉତ୍ପାଦନ କରାଯାଏ । 'ଓଡ଼ିଶା ରାଜ୍ୟ କୃଷିନୀତି ୧୯୯୬' ଅନୁସାରେ ରାଜ୍ୟ ସରକାର କୃଷି ଫାର୍ମଗୁଡ଼ିକୁ ଦୀର୍ଘମିଆଦୀ ଲିଜ୍ ଦେଇ ପିଣ୍ଡ ବିହନ ପ୍ରସ୍ତୁତ କରିବାର ବ୍ୟବସ୍ଥା କରିଛନ୍ତି । ଏତଦ୍‌ବ୍ୟତୀତ ଏଥିରେ ଓଡ଼ିଶା ରାଜ୍ୟ ବିହନ ନିଗମ ଏବଂ ଅନ୍ୟାନ୍ୟ ଘରୋଇ ସଂସ୍ଥା ଦ୍ୱାରା ପିଣ୍ଡ ବିହନ ଉତ୍ପାଦନ କରିବାର ବ୍ୟବସ୍ଥା ମଧ୍ୟ ଅଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଏବଂ ରାଜ୍ୟର ୧୩ଟି ଅବିଭକ୍ତ ଜିଲ୍ଲାର ଉପକୃଷି ନିର୍ଦ୍ଦେଶକମାନେ ପିଣ୍ଡ ବିହନ ଉତ୍ପାଦନ ପାଇଁ ସ୍ୱୀକୃତି ଲାଭ କରିଛନ୍ତି । ପ୍ରତ୍ୟେକ ଉପକୃଷି ନିର୍ଦ୍ଦେଶକ ଗୋଟିଏରୁ ତିନୋଟି କୃଷି ଫାର୍ମରେ ଏ ପ୍ରକାର ବିହନ ଉତ୍ପାଦନ କରୁଛନ୍ତି ।

◆ **ସାର୍ଟିଫାଏଡ୍ ବା ପ୍ରାମାଣିକ ବିହନ ଉତ୍ପାଦନ**

ପିଣ୍ଡ ବିହନରୁ ପ୍ରାମାଣିକ ବିହନର ସୃଷ୍ଟି । ପ୍ରାମାଣିକ ବିହନର ଉତ୍ପାଦନ ଓଡ଼ିଶା ରାଜ୍ୟ ବିହନ ନିଗମର ପ୍ରାଥମିକ ଦାୟିତ୍ୱ । ରାଜ୍ୟ ସରକାରଙ୍କ '୧୯୯୬ କୃଷିନୀତି' ଅନୁଯାୟୀ ପଞ୍ଜିକୃତ ବିହନ ଉତ୍ପାଦନକାରୀଙ୍କ ମାଧ୍ୟମରେ ପ୍ରାମାଣିକ ବିହନ ଉତ୍ପାଦନର ଦାୟିତ୍ୱ ରାଜ୍ୟ ବିହନ ନିଗମକୁ ଦିଆଯାଇଛି । ରାଜ୍ୟ କୃଷି ବିଭାଗର ଅନୁମୋଦନ କ୍ରମେ ରାଜ୍ୟ ବିହନ ନିଗମ ବିହନ ଉତ୍ପାଦନ ପାଇଁ ସ୍ୱଚ୍ଛଳ ଓ ଅଭିନବ ବଡ଼ଚାଷୀମାନଙ୍କୁ ବାଛନ୍ତି । ଏହି ଚାଷୀମାନେ ବିହନ ଉତ୍ପାଦନ ପାଇଁ କୃଷି ସାମଗ୍ରୀ ଖର୍ଚ୍ଚ, ଚାଷ ଖର୍ଚ୍ଚ ଓ ପରିବହନ ଖର୍ଚ୍ଚ ବହନ କରନ୍ତି । ରାଜ୍ୟ ବିହନ ନିଗମ ସର୍ବନିମ୍ନ ସହାୟକ ମୂଲ୍ୟର ୨୦ ରୁ ୨୫ ପ୍ରତିଶତ ଅଧିକ ମୂଲ୍ୟ ଉତ୍ପାଦନକାରୀଙ୍କୁ ପ୍ରୋତ୍ସାହନ ରୂପେ ଦିଅନ୍ତି । ବିରି ଓ ମୁଗ ଇତ୍ୟାଦି ଫସଲର ବିହନ ଉତ୍ପାଦନ କ୍ଷେତ୍ରରେ ସର୍ବନିମ୍ନ ସହାୟକ ମୂଲ୍ୟରୁ ଦୁଇଗୁଣ ପର୍ଯ୍ୟନ୍ତ ଅଧିକ ମୂଲ୍ୟ ଉତ୍ପାଦନକାରୀ ଚାଷୀଙ୍କୁ ମିଳିଥାଏ ।

◆ **ଓଡ଼ିଶାରେ ବିହନ ପ୍ରମାଣୀକରଣ ପ୍ରକ୍ରିୟା**

ପିଣ୍ଡ ବିହନରୁ ପ୍ରାମାଣିକ ବିହନ ଉତ୍ପାଦନ ପାଇଁ

ଚାଷୀମାନଙ୍କୁ ରାଜ୍ୟ ବିହନ ନିଗମ ଠାରୁ ପିଣ୍ଡ ବିହନ ସଂଗ୍ରହ କରିବା ସହ ଏହାର ପରିବହନ ଖର୍ଚ୍ଚ ମଧ୍ୟ ବହନ କରିବାକୁ ପଡ଼ିଥାଏ । ଏତଦ୍‌ବ୍ୟତୀତ ପଞ୍ଜିକରଣ ଦେୟ ବାବଦକୁ ରାଜ୍ୟ ବିହନ ନିଗମକୁ ୨୫ଟଙ୍କା ଦେବା ସହ ଚାଷୀମାନଙ୍କୁ ଏହାର ପ୍ରମାଣୀକରଣ ପାଇଁ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥାକୁ ହେକ୍ଟର ପ୍ରତି ୨୦୦ଟଙ୍କା ହିସାବରେ ଜମାକରିବାକୁ ପଡ଼ିଥାଏ । ଚାଷ ଓ ଅମଳ ସମୟରେ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥା ଦୁଇଥର କ୍ଷେତ୍ର ପରିଦର୍ଶନ କରନ୍ତି । ସଂପ୍ରତି ରାଜ୍ୟରେ ୫୦୦୦ ପଞ୍ଜିକୃତ ବିହନ ଉତ୍ପାଦନକାରୀ ଚାଷୀ ଅଛନ୍ତି ।

ପିଣ୍ଡ ବିହନ ଚାଷରୁ ପ୍ରାମାଣିକ ବିହନର ଅମଳ ପରେ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥା 'ଅମଳସ୍ଥଳୀ ପ୍ରମାଣୀକରଣ ଫଳକ' ବା 'ଥ୍ରେସିଙ୍ଗ୍ ଫ୍ଲୋର୍ ସାର୍ଟିଫିକେଟ୍' ପ୍ରଦାନ କରିଥାନ୍ତି । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉତ୍ପାଦିତ ବିହନର ପରିମାଣକୁ ନେଇ ଏପରି ଅମଳସ୍ଥଳୀ ପ୍ରମାଣୀକରଣ ଫଳକ ପ୍ରଦାନ କରାଯାଏ । ଏହାପରେ ବିହନ ଉତ୍ପାଦନକାରୀ ନିଜ ଖର୍ଚ୍ଚରେ ସମସ୍ତ ଉତ୍ପାଦିତ ବିହନ ପ୍ରକ୍ରିୟାକରଣ କାରଖାନାକୁ ନେଇଥାନ୍ତି । ଆମ ରାଜ୍ୟରେ ବର୍ତ୍ତମାନ ୩୦ଟି ବିହନ ପ୍ରକ୍ରିୟାକରଣ କାରଖାନା କାର୍ଯ୍ୟକ୍ଷମ । ପ୍ରକ୍ରିୟାକରଣ ପରେ ୧୦୦ କିଲୋଗ୍ରାମ ଉତ୍ପାଦିତ ବିହନରୁ ପ୍ରାୟ ୯୦ କିଲୋଗ୍ରାମ ଖାଣ୍ଟି ବିହନ ଓ ଅବଶିଷ୍ଟ ଉପଜାତ ବା ଅଗାଡ଼ି ବାହାରିଥାଏ । ଏହି ଅଗାଡ଼ିକୁ ଉତ୍ପାଦନକାରୀ ନେଇଯାଆନ୍ତି । ଅପରପକ୍ଷରେ ରାଜ୍ୟ ପ୍ରମାଣୀକରଣ ସଂସ୍ଥା ଖାଣ୍ଟି ବିହନର ନମୁନାକୁ ବିଧି ମୁତାବକ ସଂଗ୍ରହ କରି ପରୀକ୍ଷା ନିମନ୍ତେ ବିହନ ପରୀକ୍ଷାଗାରକୁ ପଠାନ୍ତି । ବିହନର ଏପରି ମାନ ପରୀକ୍ଷାରୁ ବିହନର ଅଂକୁରଣ କ୍ଷମତା, ଅପମିଶ୍ରିତ ଅନ୍ୟାନ୍ୟ କିସମ, ଆର୍ଦ୍ରତା ଓ ରୋଗ ପରିମାଣ ଇତ୍ୟାଦି ଜଣାପଡ଼େ । ବିଭିନ୍ନ ବିହନ କିସମ ପାଇଁ ସର୍ବନିମ୍ନ ଅଂକୁରଣ କ୍ଷମତା ଭିନ୍ନଭିନ୍ନ ଅଟେ ।

**ବିଭିନ୍ନ ବିହନ କିସମ ପାଇଁ ଧାର୍ଯ୍ୟ ସର୍ବନିମ୍ନ ଅଙ୍କୁରଣ କ୍ଷମତା**

| | | | |
|---|---|---|---|
| ଧାନ | - ୮୦% | ମୁଗ | - ୭୦% |
| ବିରି | - ୭୦% | ମକା | - ୯୦% |
| ଚିନାବାଦାମ | - ୭୦% | | |

ସର୍ବନିମ୍ନ ଅଙ୍କୁରଣ କ୍ଷମତା ପରି ବିଭିନ୍ନ ଫସଲର ବିହନ ପାଇଁ ଆର୍ଦ୍ରତା ବା ଜଳୀୟ ଅଂଶର ସର୍ବାଧିକ ସୀମା ମଧ୍ୟ ସ୍ଥିର କରାଯାଇଛି । ଧାନ ବିହନରେ ଜଳୀୟ ଅଂଶର ମାତ୍ରା ସର୍ବାଧିକ ୧୩ ପ୍ରତିଶତ ଏବଂ ଚିନାବାଦାମ ଓ ମୁଗ ବିହନ କ୍ଷେତ୍ରରେ ଏହା ୯ ପ୍ରତିଶତ ବୋଲି ଧରାଯାଏ । ବିହନର ଏପରି ମାନ ରହିଲେ ରାଜ୍ୟରେ ଥିବା ବିହନ ପରୀକ୍ଷାଗାରଗୁଡ଼ିକ ଏହାର ଫଳାଫଳ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥାକୁ ଦିଅନ୍ତି ।

**ଓଡ଼ିଶାର ତିନୋଟି ସ୍ଥାନ, ଯଥା : ଭୁବନେଶ୍ୱର, ରାୟଗଡ଼ା ଓ ବରଗଡ଼ରେ ବିହନ ପରୀକ୍ଷାଗାର ଅଛି ।**

ଏପରି ପରୀକ୍ଷାଫଳ ପାଇବା ପରେ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥା ବିହନ ପାଇଁ ପ୍ରାମାଣିକ ନାମପତ୍ର ଫଳକ ଦେଇଥାଆନ୍ତି । ବିଭିନ୍ନ ଶ୍ରେଣୀର ବିହନ ପାଇଁ ନାମପତ୍ର ଫଳକର ରଂଗ ଅଲଗା ହୋଇଥାଏ ।

**ବିଭିନ୍ନ ଶ୍ରେଣୀର ବିହନରେ ବ୍ୟବହୃତ ନାମଫଳକର ରଂଗ**

ବ୍ରିଡର୍ ବା ପ୍ରଜଜକ ବିହନ - ହଳଦିଆ ରଂଗ
(ବ୍ରିଡର୍ ବା ପ୍ରଜଜକଙ୍କ ଦ୍ୱାରା ପ୍ରଦତ୍ତ)

ଫାଉଣ୍ଡେସନ୍ ବା ପିଣ୍ଡ ବିହନ - ଧଳା ରଂଗ
(ବିହନ ପ୍ରାମାଣିକ ସଂସ୍ଥା ଦ୍ୱାରା ପ୍ରଦତ୍ତ)

ସାର୍ଟିଫାଏଡ୍ ବା ପ୍ରାମାଣିକ ବିହନ - ନୀଳ ରଂଗ
(ବିହନ ପ୍ରାମାଣିକ ସଂସ୍ଥା ଦ୍ୱାରା ପ୍ରଦତ୍ତ)

ପ୍ରାମାଣିକ ଫଳକ ଯୁକ୍ତ ବିହନକୁ ପ୍ରାମାଣିକ ସଂସ୍ଥା ରାଜ୍ୟ ବିହନ ନିଗମକୁ ଯୋଗାଇଦିଅନ୍ତି । ରାଜ୍ୟ ବିହନ ନିଗମ ଏହି ବିହନକୁ ସ୍ୱତନ୍ତ୍ରଭାବରେ ପ୍ୟାକିଙ୍ଗ୍ କରି ଫଳକ ସହ ରାଜ୍ୟର ଜିଲ୍ଲା ସ୍ତରରେ ଥିବା କୃଷି ଉପନିର୍ଦ୍ଦେଶକମାନଙ୍କ ପାଖକୁ ସେମାନଙ୍କର ଚାହିଦା ମୁତାବକ ପଠାଇଦିଅନ୍ତି । କୃଷି ଉପନିର୍ଦ୍ଦେଶକମାନେ ନିଜ ଜିଲ୍ଲା ପାଇଁ ଚାହିଦା ମୁତାବକ ଆବଶ୍ୟକ ବିହନ ପରିମାଣ ପୂର୍ବରୁ ଜଣାଇଥାନ୍ତି ।

**ବିହନର ବିକ୍ରୟ ମୂଲ୍ୟ କିପରି ସ୍ଥିର କରାଯାଏ ?**

ରାଜ୍ୟ ବିହନ ନିଗମ ବିହନର କ୍ରୟ ମୂଲ୍ୟ, ପରିବହନ ଖର୍ଚ୍ଚ ଓ ଅନ୍ୟାନ୍ୟ ସେବା ଖର୍ଚ୍ଚ ତଥା ଟିକସକୁ ଆଧାର କରି ଏକ ମୂଲ୍ୟ ସ୍ଥିର କରି ଏହାକୁ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କୁ ଜଣାନ୍ତି ।

ରାଜ୍ୟ କୃଷି ନିର୍ଦ୍ଦେଶକ ଏହି ମୂଲ୍ୟକୁ ଅନୁମୋଦନ କରିବା ପାଇଁ କୃଷି ବିଭାଗକୁ ସୁପାରିଶ କରନ୍ତି ।

ମୂଲ୍ୟ ନିର୍ଦ୍ଧାରଣ କମିଟିର ଅଧକ୍ଷ ହିସାବରେ ରାଜ୍ୟ କୃଷିବିଭାଗ ସଚିବ ଏହି ମୂଲ୍ୟ ଚୂଡ଼ାନ୍ତ କରିବା ପାଇଁ ଏକ କମିଟିର ବୈଠକ ଡକାନ୍ତି ।

ସାଧାରଣ ଉଦ୍ୟୋଗ ବିଭାଗ ଓ ଅର୍ଥ ବିଭାଗର ପ୍ରତିନିଧି, କୃଷି ବିଶ୍ୱବିଦ୍ୟାଳୟର ଗବେଷଣା ଅଧକ୍ଷ, କୃଷି ନିର୍ଦ୍ଦେଶକ, କୃଷି ନିର୍ଦ୍ଦେଶାଳୟର ଗବେଷଣା ଅଧକ୍ଷ, କୃଷି ନିର୍ଦ୍ଦେଶକ, କୃଷି ନିର୍ଦ୍ଦେଶାଳୟର ବିହନ ଓ ଫାର୍ମ ଦାୟିତ୍ୱରେ ଥିବା ଯୁଗ୍ମ ନିର୍ଦ୍ଦେଶକ, ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଏବଂ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥାର ନିର୍ଦ୍ଦେଶକ ଏହି କମିଟିର ସଦସ୍ୟ ଅଟନ୍ତି ।

- **ବିହନ ପରିବର୍ତ୍ତନ ହାର**

ବାରମ୍ବାର ଗୋଟିଏ ବିହନ ବ୍ୟବହାର କରିବା ଦ୍ୱାରା ଏହାର ଅମଳ ହାର ହ୍ରାସ ପାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ଗୋଟିଏ ନିର୍ଦ୍ଦିଷ୍ଟ ବିହନକୁ ବହୁବର୍ଷ ଧରି ବ୍ୟବହାର କରିବା ଅନୁଚିତ୍ । ଏଣୁ ନୂତନ କିସମ ବିହନର ବ୍ୟବହାର ଦ୍ୱାରା ଏପରି ବିହନର ପରିବର୍ତ୍ତନ ଆବଶ୍ୟକ । ଏହାକୁ ବିହନ ପରିବର୍ତ୍ତନ କୁହାଯାଏ । ମୋଟ ଫସଲର କ୍ଷେତ୍ରଫଳରୁ ପ୍ରାମାଣିକ ବା ଗୁଣାତ୍ମକମାନ ବିଶିଷ୍ଟ ବିହନ (ଚାଷୀଙ୍କ ନିଜ ବିହନ ବ୍ୟତୀତ)ରେ ଚାଷ ହୋଇଥିବା କ୍ଷେତ୍ରଫଳର ପ୍ରତିଶତକୁ ବିହନ ପରିବର୍ତ୍ତନ ହାର କୁହାଯାଏ । ଏହା ବିହନ ବ୍ୟବହାର ଓ ଅଭିବୃଦ୍ଧି ହାରକୁ ସୂଚାଇଥାଏ । ପର୍ଯ୍ୟାୟକ୍ରମେ ବିହନ ପରିବର୍ତ୍ତନ ହାରକୁ ବୃଦ୍ଧି କରାଇ ଖାଦ୍ୟଶସ୍ୟ କ୍ଷେତ୍ରରେ ବିହନ କିସମ ପରିବର୍ତ୍ତନ ହାରକୁ ୨୦ ପ୍ରତିଶତକୁ ପହଞ୍ଚାଇବା ପାଇଁ ଅନୁମୋଦନ କରାଯାଏ । ଓଡ଼ିଶାରେ ବିହନ ପରିବର୍ତ୍ତନ ହାର ସର୍ବଭାରତୀୟ ହାର ଠାରୁ ଯଥେଷ୍ଟ କମ୍ ।

## ବିହନ ସମ୍ବନ୍ଧିତ ବିଭିନ୍ନ ନୀତି-ନିୟମ

- **ବିହନ ଆଇନ୍ ଲାଗୁ କରିବା ଓ ବିହନ ପରିଦର୍ଶକଙ୍କ ଦାୟିତ୍ୱ**

ବିହନ ଆଇନ୍ ଲାଗୁ କରିବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ । 'ବିହନ ଆଇନ୍ ୧୯୬୬' ଓ 'ବିହନ ନିୟନ୍ତ୍ରଣ ଆଦେଶ ୧୯୮୩' ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ବିହନ ପରିଦର୍ଶକ ନିଯୁକ୍ତ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଏହି ବିହନ ପରିଦର୍ଶକଙ୍କ ପ୍ରଥମ କର୍ତ୍ତବ୍ୟ ହେଉଛି ବିହନ ବିକ୍ରୟ କେନ୍ଦ୍ର ପରିସର ପରିଦର୍ଶନ କରି ବିହନ ନମୁନା ସଂଗ୍ରହ କରିବା । ଯେଉଁ ବିହନ ବିକ୍ରେତା ନିମ୍ନମାନର ବିହନ ବିକ୍ରି କରୁଥିବେ ଅଥବା ବିହନ ଆଇନ୍ ବା ନିୟନ୍ତ୍ରଣ ଆଦେଶ ଅନୁସାରେ କାର୍ଯ୍ୟ କରୁନଥିବେ ସେମାନଙ୍କ ବିରୁଦ୍ଧରେ ବିହନ ପରିଦର୍ଶକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ଓଡ଼ିଶାରେ ବିହନ ଆଇନ୍‌ର କାର୍ଯ୍ୟକାରିତା ସନ୍ତୋଷଜନକ ନୁହେଁ । ଏଠାରେ ସୂଚନା ଯୋଗ୍ୟ ଯେ, 'ରାଜ୍ୟ କୃଷିନୀତି ୧୯୯୬'ରେ ବିହନ ପରିଦର୍ଶକଙ୍କ ଦାୟିତ୍ୱ ସଂପର୍କରେ କୌଣସି ଉଲ୍ଲେଖ ନାହିଁ । ତେଣୁ ଏପରି ସ୍ଥଳେ ଅବାଞ୍ଛିତ ବିହନ ବିକ୍ରେତାଙ୍କୁ ନିୟନ୍ତ୍ରଣ କରିବାକୁ ହେଲେ ରାଜ୍ୟ ସରକାର ଯଥେଷ୍ଟ ସଂଖ୍ୟକ ବିହନ ପରିଦର୍ଶକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ ।

- **ବିହନ ନିୟନ୍ତ୍ରଣ ପାଇଁ ଦେଶରେ ପ୍ରଚଳିତ ବିଭିନ୍ନ ନୀତି-ନିୟମ**

☞ ୧୯୬୬ ମସିହାରେ ପ୍ରଣୟନ କରାଯାଇଥିବା 'ବିହନ ଆଇନ୍' ଆମେରିକୀୟ ସ୍ୱୟଂ ଚିହ୍ନଟ ପ୍ରଣାଳୀ (ଘରୋଇ ବିହନ ବିକ୍ରେତାଙ୍କ ପାଇଁ) ଏବଂ ୟୁରୋପୀୟ ପରୀକ୍ଷା ଓ ପ୍ରମାଣୀକରଣ ପ୍ରଣାଳୀ (ସରକାରୀ ଗବେଷଣା ପ୍ରତିଷ୍ଠାନମାନଙ୍କର ବିହନ)ର ମିଶ୍ରଣରେ ପ୍ରସ୍ତୁତ । ଏହି ଆଇନ୍‌ରେ ଘରୋଇ ସଂସ୍ଥାମାନଙ୍କର ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନଥିଲା ।

☞ ୧୯୬୮ ମସିହାରେ 'ବିହନ ଆଦେଶ' ପ୍ରକାଶିତ ହେଲା ।

☞ ୧୯୭୨ ମସିହାରେ 'ବିହନ (ସଂଶୋଧନ) ଆଇନ୍' ପ୍ରକାଶିତ ହେଲା । ଏହି ଆଇନ୍ ବଳରେ କେନ୍ଦ୍ରୀୟ ବିହନ ପ୍ରମାଣୀକରଣ ବୋର୍ଡ ଗଠନ କରାଯାଇ ଏହି ବୋର୍ଡ ମାଧମରେ ବିହନ ପ୍ରମାଣୀକରଣ ସଂସ୍ଥା ମଧରେ ସମନ୍ୱୟ ସ୍ଥାପନ କରାଯିବାର ବ୍ୟବସ୍ଥା କରାଗଲା । ଏହାଛଡ଼ା ବିହନର ନିର୍ଦ୍ଦିଷ୍ଟ ମାନ (ଅଙ୍କୁରଣ, ଶୁଦ୍ଧତା) ବାଧ୍ୟତାମୂଳକ କରାଯାଇ ବସ୍ତାରେ ନାମପତ୍ର ଫଳକ ଦେବା ବାଧ୍ୟତାମୂଳକ କରାଗଲା ।

☞ ୧୯୮୩ ମସିହା 'ବିହନ (ନିୟନ୍ତ୍ରଣ) ଆଦେଶ'କୁ 'ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ୧୯୫୫'ର ଅନ୍ତର୍ଭୁକ୍ତ କରାଗଲା । ଏହାଦ୍ୱାରା ବିକ୍ରେତା, ରପ୍ତାନୀକାରୀ ଓ ଆମଦାନୀକାରୀଙ୍କୁ ଲାଇସେନ୍‌ସ ଦିଆଯିବାର ବ୍ୟବସ୍ଥା କରାଗଲା ।

☞ ୧୯୮୮ ମସିହାରେ ବିହନ ଉନ୍ନୟନ ପାଇଁ ନୂତନ ନୀତି ପ୍ରଣୟନ କରାଯାଇ ଗବେଷଣା ପାଇଁ ବିଦେଶରୁ

ଜର୍ମପ୍ଲାଜ୍‌ମ ଆମଦାନୀ ଓ ତୈଳବୀଜ ତଥା ଖାଦ୍ୟଶସ୍ୟ ବିହନର ଆମଦାନୀ ପରୀକ୍ଷାମୂଳକ ଭାବେ କରାଗଲା ।

☛ ୨୦୦୨ ମସିହାରେ 'ଜାତୀୟ ବିହନ ନୀତି' ପ୍ରଣୟନ କରାଗଲା । ଏଥିରେ ବିହନର ମାନ ଉପରେ ଗୁରୁତ୍ୱ ଦିଆଯିବା ସହ ଆନ୍ତର୍ଜାତିକ ବାଣିଜ୍ୟ ବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରାଗଲା । ଘରୋଇ କ୍ଷେତ୍ରରେ ବିହନ ପାଇଁ ପୁଞ୍ଜିନିବେଶକୁ ଉତ୍ସାହିତ କରାଗଲା । ଜେନେଟିକାଲି ରୂପାନ୍ତରିତ ବା ଟ୍ରାନ୍ସଜେନିକ୍ ବିହନ କିସମକୁ ସ୍ୱୀକୃତି ପ୍ରଦାନ କରାଯିବା ସହିତ ଚାଷୀମାନଙ୍କୁ କୃଷି କ୍ଷେତ୍ରରେ ମିଳୁଥିବା ବିହନ ନିଜ ନିଜ ଭିତରେ ଆବଣ୍ଟନ (ଅଦଳ/ବଦଳ) ଓ ବିକ୍ରି କରିବାର ଅଧିକାର ସଂରକ୍ଷିତ କରାଗଲା ।

**'ଜାତୀୟ ବିହନ ନୀତି ୨୦୦୨'ର ମୁଖ୍ୟାଂଶ**

ଭାରତ ସରକାର ୨୦୦୨ ମସିହାରେ 'ଜାତୀୟ ବିହନ ନୀତି' ପ୍ରଣୟନ କଲେ ।

- 'ବିହନ ଗ୍ରାମ' ବା 'ସିଡ୍ ଭିଲେଜ୍' ଯୋଜନା ମାଧ୍ୟମରେ ଚାଷୀଙ୍କ ଦ୍ୱାରା ନିଜସ୍ୱ ସଂଗୃହିତ ବିହନର ମାନବୃଦ୍ଧି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ପର୍ଯ୍ୟାପ୍ତ ପରିମାଣର ପ୍ରାମାଣିକ ବିହନ ଉତ୍ପାଦନ ପାଇଁ ଚାଷୀଙ୍କୁ ପିଣ୍ଡ ବିହନ ଯୋଗାଇ ଦିଆଯିବ ବୋଲି 'ଜାତୀୟ ବିହନ ନୀତି'ରେ ଉଲ୍ଲେଖ କରାଯାଇଛି ।
- ସେହିପରି 'ବିହନ ବା ସିଡ୍ ବ୍ୟାଙ୍କ୍'ର ପ୍ରତିଷ୍ଠା ପାଇଁ ମଧ୍ୟ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି ।
- ଏହାବ୍ୟତୀତ 'ଜାତୀୟ ବିହନ ନୀତି ୨୦୦୨' ଅନୁସାରେ ବିହନ ଉତ୍ପାଦନକାରୀମାନେ ବିହନ ବୀମା ଯୋଜନାର ସୁବିଧା ହାସଲ କରିପାରିବେ ।
- ଏହି ନୀତିରେ ଏହା ମଧ୍ୟ ଉଲ୍ଲେଖ ଅଛି ଯେ, ବିନା ବାଧାରେ ଚାଷୀଙ୍କୁ ନିଜର ବିହନ ସଂରକ୍ଷଣ, ବ୍ୟବହାର, ଅଦଳବଦଳ ଏବଂ ବିକ୍ରି ପାଇଁ ଅଧିକାର ପ୍ରଦାନ କରାଯିବ । ଏହାଦ୍ୱାରା ଚାଷୀମାନେ ନିଜ ପରିସରରେ କିମ୍ବା ସ୍ଥାନୀୟ ବଜାରରେ ସେମାନଙ୍କର ଅଣମାର୍କା ବିହନ ବିନା ବାଧାରେ ବିକ୍ରି କରିପାରିବେ । ଚାଷୀମାନଙ୍କ ନିଜ ପସନ୍ଦ ମୁତାବକ ବିହନ ବ୍ୟବହାରର ଅଧିକାର ବାଧ୍ୟତାମୂଳକ ପଞ୍ଜିକରଣ ଦ୍ୱାରା ବ୍ୟାହତ ହୋଇପାରିବ ନାହିଁ ।

◆ **ବିହନ ବିଧେୟକ ୨୦୦୪**

'ବିହନ ଆଇନ୍ ୧୯୬୬'କୁ ପରିବର୍ତ୍ତନ କରିବା ଏହି ଚିଠା ବିଲ୍‌ର ଉଦ୍ଦେଶ୍ୟ । କେନ୍ଦ୍ର ସରକାର '୧୯୬୬ ବିହନ ଆଇନ୍'ରେ କିଛି ମୌଳିକ ତ୍ରୁଟି ଥିବା ଦର୍ଶାଇ 'ବିହନ ବିଧେୟକ ୨୦୦୪' ଆଗତ କରିଥିଲେ । ଏହି ବିଲ୍‌ଟି ଡିସେମ୍ବର ୨୦୦୪ରେ ରାଜ୍ୟସଭାରେ ପ୍ରବର୍ତ୍ତନ କରାଯାଇଥିଲା । କିନ୍ତୁ ଯେହେତୁ ବିଲ୍‌ଟି ବିବାଦୀୟ ଥିଲା, ତେଣୁ ସମସ୍ତ ଆଗ୍ରହୀ ବ୍ୟକ୍ତିଙ୍କ ମତାମତ ପାଇଁ ଏହା କୃଷି ପାଇଁ ଗଠିତ 'ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି' ନିକଟକୁ ପଠାଯାଇଥିଲା । '୧୯୬୬ ବିହନ ଆଇନ୍'ରେ ପରିବର୍ତ୍ତନ ସପକ୍ଷରେ ସରକାର ଯୁକ୍ତି ବାଢ଼ି କହନ୍ତି ଯେ ନୂତନ ବିହନ ନୀତି ପ୍ରଣୟନ ଫଳରେ ସାଂପ୍ରତିକ ଅସୁବିଧାଗୁଡ଼ିକ ଦୂରୀଭୂତ ହେବା ସଙ୍ଗେସଙ୍ଗେ ବିହନ ଶିଳ୍ପର ଅଭିବୃଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ ଏବଂ ବିଭିନ୍ନ ଫସଲର ବିହନ ପରିବର୍ତ୍ତନ ହାର ବୃଦ୍ଧି ପାଇବ ।

ସେହିପରି ନୂତନ ବିହନ ନୀତି ପ୍ରଣୟନର ଅନ୍ୟ ଆଭିମୁଖ୍ୟଗୁଡ଼ିକ ହେଉଛି ବିହନ ରପ୍ତାନୀ ବୃଦ୍ଧି ସହିତ ଉପଯୋଗୀ ଜର୍ମପ୍ଲାଜ୍‌ମ ଆମଦାନୀକୁ ଉତ୍ସାହିତ କରିବା, ବିହନ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଜ୍ଞାନକୌଶଳର ପ୍ରୟୋଗ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବା ଏବଂ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରିବା ।

**'୧୯୬୬ ବିହନ ଆଇନ୍'ରେ ଥିବା କେତେକ ମୌଳିକ ତ୍ରୁଟି**

- ଏହି ଆଇନ୍‌ରେ ନୂତନ କିସମ ବିହନ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ ।
- ଅଣ-ବିଜ୍ଞପ୍ତି ପ୍ରାପ୍ତ ବିହନ କିସମ ଏହି ଆଇନ୍‌ର ପରିସରଭୁକ୍ତ ନୁହେଁ ।
- ବ୍ୟବସାୟିକ ଓ ରୋପଣ ଫସଲ ଏହି ଆଇନ୍‌ର ପରିସରଭୁକ୍ତ ନୁହେଁ ।
- କେବଳ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥା ଦ୍ୱାରା ବିହନର ପ୍ରମାଣୀକରଣ କରାଯାଇପାରିବ ।
- ଏହି ଆଇନ୍‌ରେ ଟ୍ରାନ୍ସଜେନିକ୍ ବା ଗୁଣସୂତ୍ର ପରିବର୍ତ୍ତିତ ପଦାର୍ଥର ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ ।
- ଆଇନ୍ ଅମାନ୍ୟ ପାଇଁ ଅତ୍ୟନ୍ତ କୋହଳ ଦଣ୍ଡ ବ୍ୟବସ୍ଥା ଏହି ଆଇନ୍‌ରେ ଅଛି ।

## 'ବିହନ ବିଧେୟକ ୨୦୦୪'ର ମୁଖ୍ୟାଂଶ

- କ୍ଷେତ୍ର ଫଳାଫଳ ତଥ୍ୟ ଭିତ୍ତିରେ ବିହନ କିସମଗୁଡ଼ିକର ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯାଇଛି ।
- ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନରେ ଥିବା ବିଭିନ୍ନ କେନ୍ଦ୍ର ଓ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ତଥା ଘରୋଇ ସଂସ୍ଥାକୁ କ୍ଷେତ୍ର ପରୀକ୍ଷା ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି ।
- ପ୍ରମାଣୀକରଣ ପାଇଁ ବିଭିନ୍ନ ସଂସ୍ଥାମାନଙ୍କୁ ସ୍ୱୀକୃତି ଦିଆଯାଇଛି ।
- ରପ୍ତାନୀ ଓ ଆମଦାନୀର ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି ।
- ନିଜସ୍ୱ ବିହନ ସଂରକ୍ଷଣ, ବ୍ୟବହାର, ପରିବର୍ତ୍ତନ ଓ ସଂରକ୍ଷିତ ଅବା ଅଣମାର୍କା ବିହନ ବିକ୍ରୟ ନିମନ୍ତେ ଚାଷୀଙ୍କୁ ଅଧିକାର ପ୍ରଦାନ କରାଯାଇଛି ।
- ଉଭୟ ବଡ଼ ଏବଂ ଛୋଟ ନିୟମ ଉଲ୍ଲଙ୍ଘନ ପାଇଁ ଦଣ୍ଡ ପରିମାଣ ବୃଦ୍ଧି କରାଯାଇଛି ।
- ଟ୍ରାନ୍ସଜେନିକ୍ ବା ଜେନେଟିକାଲି ରୂପାନ୍ତରିତ ବା ଗୁଣସୂତ୍ର ପରିବର୍ତ୍ତିତ ଫସଲ ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ଅବସାନ ବିହନ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି ।
- ଯଦିଓ ସ୍ୱ-ପ୍ରମାଣୀକରଣ କିମ୍ୱା ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥା ଅଥବା ଅନ୍ୟ କୌଣସି ସଂସ୍ଥା ଦ୍ୱାରା ପ୍ରମାଣୀକରଣ କରିବାକୁ ଅଧିସୂଚନାର ବ୍ୟବସ୍ଥା ରଖାଯାଇଛି, ତେବେ ବିହନ ପ୍ରମାଣୀକରଣ ବାଧ୍ୟତାମୂଳକ ନୁହେଁ ।

◆ **'ଉଭିଦ କିସମ ସଂରକ୍ଷଣ ଓ ଚାଷୀଙ୍କ ଅଧିକାର ଆଇନ୍ ୨୦୦୧'**

ଏପରି ଆଇନ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ଘରୋଇ ଓ ସରକାରୀ କ୍ଷେତ୍ରରେ ନୂତନ କିସମର ବିହନ ପ୍ରସ୍ତୁତ କରିବା ପାଇଁ ଗବେଷଣା ଓ ଉନ୍ନୟନ କାର୍ଯ୍ୟକ୍ରମରେ ଅଧିକ ପୁଞ୍ଜିନିବେଶକୁ ଉତ୍ସାହିତ କରିବା ଓ ଏଥିରୁ ଅଧିକ ପ୍ରତ୍ୟାର୍ପଣ ପାଇଁ ବ୍ୟବସ୍ଥା କରିବା ଏବଂ ଭାରତୀୟ କୃଷକଙ୍କ ନିମନ୍ତେ ଉଚ୍ଚମାନର ବିହନ ଓ ରୋପଣ ଉଦ୍ଦେଶ୍ୟରେ ବିହନ ଶିଳ୍ପର ଅଭିବୃଦ୍ଧିକୁ ସୁଗମ କରିବା ।

ଏହି ଆଇନ୍‌ର ମୁଖ୍ୟାଂଶଗୁଡ଼ିକ ହେଲା :

- କେବଳ ଅଣୁଜୀବକୁ ଛାଡ଼ି ଅନ୍ୟ ସମସ୍ତ ଉଭିଦ ଶ୍ରେଣୀ ଏହି ଆଇନ୍‌ର ପରିସରଭୁକ୍ତ ।
- ସଂରକ୍ଷଣ ପାଇଁ ଯୋଗ୍ୟ ଏକ ନିର୍ଦ୍ଦିଷ୍ଟ କିସମଟି ନୂତନ, ପୃଥକ, ସର୍ବସମ ଓ ସ୍ଥିର ହେବା ଆବଶ୍ୟକ ।
- ସର୍ବସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ବାଧ୍ୟତାମୂଳକ ଲାଇସେନ୍‌ସ ବ୍ୟବସ୍ଥା ଏହି ଆଇନ୍‌ର ଅନ୍ତର୍ଭୁକ୍ତ ।
- ଏହି ଆଇନ୍ ବଳରେ ଚାଷୀମାନେ ନିଜସ୍ୱ ସୂତ୍ରରୁ ସଂଗ୍ରହ କରିଥିବା ବିହନର ସଂରକ୍ଷଣ, ବ୍ୟବହାର, ଆଦାନପ୍ରଦାନ ଓ ବିକ୍ରୟ ପାଇଁ ପାରମ୍ପରିକ ଅଧିକାର ପାଇପାରିବେ । ତେବେ ବ୍ୟବସାୟିକ ଉଦ୍ଦେଶ୍ୟରେ ସେମାନେ କୌଣସି ମାର୍କା ଥିବା ବିହନ ବିକ୍ରି କରିପାରିବେ ନାହିଁ ।

'ଉଭିଦ କିସମ ସଂରକ୍ଷଣ ଓ ଚାଷୀଙ୍କ ଅଧିକାର ଆଇନ୍ ୨୦୦୧'ର ଅନ୍ତର୍ଭୁକ୍ତ ୩୫ଗୋଟି ଫସଲ ହେଲା: ଧାନ, ଗହମ, ମକା, ଜୋଆର, ହରଡ଼, ବାଜରା, ବୁଟ, ମୁଗ, ବିରି, ମଟର, ରାଜମା, ମସୁର, ହରଡ଼, ସୋରିଷ, ଚିନାବାଦାମ, ସୋୟାବିନ, ସୂର୍ଯ୍ୟମୁଖୀ, କୁସୁମୀ, ଜଡ଼ା, ରାଶି, ଫେଶୀ, କପା, ଝୋଟ, ଆଖୁ, ଲୁସର୍ଣ୍ଣ, ବରସିମ୍, ଟମାଟୋ, ବାଇଗଣ, ଭେଣ୍ଡି, ଫୁଲକୋବି, ବନ୍ଧାକୋବି, ଆଳୁ, ପିଆଜ, ରସୁଣ, ଗୋଲାପ ଓ ସେବତୀଫୁଲ । ଏହି ୩୫ଟି ଫସଲର ବିହନ ପାଇଁ ଡି.ୟୁ.ଏସ୍ ପରୀକ୍ଷା ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି ।

◆ **ବିହନ ଓ ଭାରତୀୟ ପେଟେଣ୍ଟ ଆଇନ୍**

ଭାରତ ତୃତୀୟ ଥର ପାଇଁ ଡିସେମ୍ବର ୨୦୦୪ରେ 'ପେଟେଣ୍ଟ ଆଇନ୍ ୧୯୭୦'ରେ ସଂଶୋଧନ କରିଛି । ଏହା ପୂର୍ବରୁ ଏହି ପେଟେଣ୍ଟ ଆଇନ୍ ୧୯୯୯ ଓ ୨୦୦୨ ମସିହାରେ ଦୁଇଥର ସଂଶୋଧିତ ହୋଇଥିଲା । ଏହି ସଂଶୋଧନ ଦ୍ୱାରା ପ୍ରଯୁକ୍ତି ଓ ଜୈବପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବ୍ୟବହୃତ ଉଭୟ ପ୍ରକ୍ରିୟା ଏବଂ ଉତ୍ପାଦନ ପାଇଁ ପେଟେଣ୍ଟିଙ୍ଗ (ବିଶେଷାଧିକାର) ବ୍ୟବସ୍ଥା କରାଯାଇଛି । ଏହି ଆଇନ୍ ଦ୍ୱାରା କେତେକ ଉଦ୍ଭାବନକୁ ପେଟେଣ୍ଟ ମୁକ୍ତ ମଧ୍ୟ ରଖାଯାଇଛି । କୃଷିକ୍ଷେତ୍ରରେ କୃଷି ଓ ଉଦ୍ୟାନ ପ୍ରଣାଳୀର ଉଦ୍ଭାବନ ଏବଂ ସଂପୂର୍ଣ୍ଣ କିମ୍ୱା ଅଂଶବିଶେଷ ଉଭିଦ ଓ ପ୍ରାଣୀ (ଅଣୁଜୀବ ଛଡ଼ା) ସବୁର ଉଦ୍ଭାବନକୁ ନୂତନ ପେଟେଣ୍ଟ ଆଇନ୍‌ରେ ପେଟେଣ୍ଟମୁକ୍ତ ରଖାଯାଇଛି । କିନ୍ତୁ ଜୈବ ପ୍ରକ୍ରିୟା ଦ୍ୱାରା

ଉଦ୍ଭିଦ ଓ ପ୍ରାଣୀଙ୍କ ବଂଶବିସ୍ତାରରେ ଆବଶ୍ୟକ ବିହନ, କିସମ ଓ ପ୍ରଜାତିଗୁଡ଼ିକୁ ଏହି ପେଟେଣ୍ଟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି । ତେବେ ନୂତନ ସଂଶୋଧିତ ପେଟେଣ୍ଟ ଆଇନ୍ ଅନୁସାରେ ଯେକୌଣସି ପ୍ରକ୍ରିୟା ଯାହା ଉଦ୍ଭିଦର ରୋଗ ନିୟନ୍ତ୍ରଣ ଓ ଉତ୍ପାଦର ଆର୍ଥିକ ମୂଲ୍ୟ ବୃଦ୍ଧି ପାଇଁ ଆବଶ୍ୟକ, ତାହାକୁ ପେଟେଣ୍ଟିଙ୍ଗ (ବିଶେଷାଧିକାର) କରାଯାଇପାରିବ । ଏହା ସହିତ ପ୍ରାକୃତିକ ଭାବରେ ସୃଷ୍ଟି ହୋଇନଥିବା ଅଣୁଜୀବଗୁଡ଼ିକୁ ମଧ୍ୟ ବର୍ତ୍ତମାନ ପେଟେଣ୍ଟ ପରିସରଭୁକ୍ତ କରାଯାଇଛି । ଏହାଦ୍ୱାରା ଡି.ଏନ୍.ଏ. ଅନୁକ୍ରମ ଓ ଗୁଣସୂତ୍ର ଉତ୍ପାଦନ ପାଇଁ ବିଶେଷ ମାନବିକ ହସ୍ତକ୍ଷେପକୁ ମଧ୍ୟ ପେଟେଣ୍ଟ ଅନ୍ତର୍ଭୁକ୍ତ କରାଯାଇଛି ।

ଆଶା କରାଯାଏ କି ବାୟୋଟେକ୍ ବା ଜୈବପ୍ରଯୁକ୍ତି କମ୍ପାନୀରେ ଆଇନ୍ ଅଦାଲତରେ ଏହି ଆଇନ୍‌ର ରୂପରେଖକୁ ପରୀକ୍ଷା କରିବେ ଏବଂ ସମ୍ଭବତଃ ସେମାନେ ଜିନ୍ ବା ଗୁଣସୂତ୍ର ପରି ବାୟୋଟେକ୍ ଉତ୍ପାଦକୁ ଅଭିନବ କରିବାର ପ୍ରକ୍ରିୟା ବିରୁଦ୍ଧରେ ସଫଳ ହୋଇପାରିବେ । ଫଳରେ ଉଦ୍ଭିଦ ପ୍ରଜନନ ଶିଳ୍ପ କ୍ଷେତ୍ରରେ ଓ ବିଶେଷ କରି ବାୟୋଟେକ୍ ଶିଳ୍ପ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯିବ । ତେବେ ଆଶଙ୍କା କରାଯାଉଛି ବାୟୋଟେକ୍ କମ୍ପାନୀମାନଙ୍କର ପ୍ରଶସ୍ତ ଓ ରଣନୀତି ସଂପନ୍ନ ପେଟେଣ୍ଟିଙ୍ଗ୍ ଅନ୍ୟ ଜୈବପ୍ରଯୁକ୍ତିବିଦ୍ୟାର ପ୍ରବେଶ ପାଇଁ ଭୀଷଣ ପ୍ରତିବନ୍ଧକ ସୃଷ୍ଟି କରିବ । ଏହାଦ୍ୱାରା ବିହନ ଶିଳ୍ପ ନିୟନ୍ତ୍ରଣ କ୍ଷେତ୍ରରେ ଏକଚାଟିଆ ଅଧିକାରକୁ ପ୍ରୋତ୍ସାହନ ମିଳିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ରହିଛି ।

## ଶେଷକଥା

ସରକାରୀ ସଂସ୍ଥାମାନଙ୍କର ଭୂମିକା ବ୍ରିଡର୍ ବିହନ ଓ ପିଣ୍ଡ ବିହନର ଉତ୍ପାଦନ ଏବଂ ନୂତନ କିସମ ହାଇବ୍ରିଡ୍ ଓ ଜେନେଟିକାଲି ରୂପାନ୍ତରିତ ବିହନର ବଣ୍ଟନ ଘରୋଇ ସଂସ୍ଥା ଦ୍ୱାରା ହେବା ଉଚିତ୍ । ଘରୋଇ ସଂସ୍ଥା ଏ କ୍ଷେତ୍ରରେ କେତେକ ଭଲ କାମ କରୁଥିଲେ ମଧ୍ୟ ସେମାନେ କେବଳ ହାଇବ୍ରିଡ୍ ଓ ଉଚ୍ଚମୂଲ୍ୟ ଫସଲ (ପନିପରିବା, ତୈଳବୀଜ, ମକା, ବାଜରା ଇତ୍ୟାଦି)ର ବିହନ ଅଳ୍ପ ପରିମାଣରେ ଉତ୍ପାଦନ କରୁଛନ୍ତି । ବିହନ ଉତ୍ପାଦନ ପାଇଁ କୃଷକ ସଂଗଠନ, ସ୍ୱୟଂ ସହାୟକ ଦଳ ଓ ପାଣିପଞ୍ଚାୟତ ମାଧ୍ୟମରେ 'ବିହନ ଗ୍ରାମ' ଯୋଜନା କାର୍ଯ୍ୟକାରୀ କରାଗଲେ ଉତ୍ପାଦନ ଖର୍ଚ୍ଚ ହ୍ରାସ ହେବା ସହିତ ଚାଷୀଙ୍କ ଦ୍ୱାରା ନିଜ ଗ୍ରାମରେ ବିହନ ସହଜରେ ଉପଲବ୍ଧ ହୋଇପାରିବ । 'କୃଷି ଉତ୍ପାଦ ବିପଣନ (ସଂଶୋଧନ) ଆଇନ୍ ୨୦୦୫' ଓ ଚୁକ୍ତି ଭିତ୍ତିକ ଚାଷର ପ୍ରବର୍ତ୍ତନ ଫଳରେ ରାଜ୍ୟରେ ବିହନ ଶିଳ୍ପର ଅଭିବୃଦ୍ଧି ସହିତ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବାର ଆଶା କରାଯାଏ ।

❖ ❖ ❖

ଉନ୍ନତ ଓ ଅଧିକ ଅମଳକ୍ଷମ ପ୍ରାମାଣିକ ବିହନ ବ୍ୟବହାର ଦ୍ୱାରା ଅମଳ ଶତକଡ଼ା ୧୦ଭାଗ ବଢ଼ିଥାଏ । ଏହି ବିହନର ଆବଶ୍ୟକତା ପୂରଣ ପାଇଁ ବିହନ ଗ୍ରାମ ସ୍ଥିରୀକୃତ ହୋଇ ସେଠାରେ ଚାଷୀମାନେ ସରକାର କିମ୍ବା ବିହନ ନିଗମରୁ ବିହନ ନେଇ ଏକତ୍ର କରିପାରିବେ । ଅମଳ ପରେ ନିଜ ଅଞ୍ଚଳରେ ଥିବା କୃଷି ଫାର୍ମରେ କୃଷି ବିହନ ଉତ୍ପାଦନ କରାଯାଇ ଚାଷୀଙ୍କ ବିହନ ନିଗମକୁ ଯୋଗାଇ ଦିଆଯାଇପାରିବ । ଏହାଛଡ଼ା ଚାଷୀଙ୍କ ଅଧିକ ଆବଶ୍ୟକତା ପୂରଣ ପାଇଁ ବିହନ ଗ୍ରାମ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଓ ପ୍ରସାରିତ ହେବା ଉଚିତ୍ । ବିହନ ଧାନର ସବୁକିସମ ପାଇଁ ଗୋଟିଏ ବିକ୍ରୟ ଦର ଧାର୍ଯ୍ୟ ହେବା ଦରକାର ।

କୃଷିର ବିକାଶ ପାଇଁ କୃଷି ଉତ୍ପାଦନ ବୃଦ୍ଧି ଓ ଉତ୍ପାଦିତ ଶସ୍ୟର ଉପଯୁକ୍ତ ଦରରେ ବିପଣନ କରାଯାଇପାରିଲେ ଚାଷୀର ଆୟ ବୃଦ୍ଧି ହୋଇପାରିବ । କୃଷି ଉତ୍ପାଦନ ବୃଦ୍ଧି ପାଇଁ କୃଷି ସାମଗ୍ରୀଗୁଡ଼ିକ ଚାଷୀ ନିଜ ଗାଁ ବା ପଞ୍ଚାୟତରେ ପାଇପାରିବା ଆବଶ୍ୟକ । ଗ୍ରାମମାନଙ୍କରେ କୃଷକ କ୍ଲବ୍ ଓ କୃଷି ଚର୍ଚ୍ଚାମଣ୍ଡଳୀ ଗଠନ କରାଯାଇ କୃଷି ବିଭାଗରେ ପଞ୍ଜିକୃତ ହେବା ଦରକାର । ଏହାଛଡ଼ା ପ୍ରତି ପଞ୍ଚାୟତରେ ସରକାରଙ୍କ ତରଫରୁ କୃଷି ସହାୟକ କେନ୍ଦ୍ର ଖୋଲାଯାଇ କୃଷି ସାମଗ୍ରୀ ଯୋଗାଣ ଏବଂ କୃଷକ କ୍ଲବ୍ ଓ କୃଷି ସହାୟକ କେନ୍ଦ୍ର ଜରିଆରେ ଚାଷୀଙ୍କୁ ଜ୍ଞାନକୌଶଳ ସହାୟତା ଯୋଗାଇ ଦେବା ଉଚିତ୍ ।

# ଚାଷରେ ସମସ୍ୟା - ଚାଷୀର ଦୁର୍ଦ୍ଦଶା

ଆମ ଦେଶରେ ଶିଳ୍ପ ଭଳି କୃଷି ପାଇଁ କୌଣସି ସ୍ୱଷ୍ଟ ନୀତି ନାହିଁ । ଅଥଚ ଭାରତର ୮୦ ଭାଗ ଲୋକ ଏବେ କୃଷି ସହ ଜଡ଼ିତ । କୃଷି ହିଁ ସେମାନଙ୍କ ଆୟର ଏକମାତ୍ର ପନ୍ଥା । କିନ୍ତୁ ସରକାରମାନେ ଏହି କ୍ଷେତ୍ରକୁ ଗୁରୁତ୍ୱ ନ ଦେଇ ବଡ଼ବଡ଼ ଶିଳ୍ପପତିଙ୍କ ସୁବିଧା ପାଇଁ ନୀତି ପ୍ରଣୟନ କରୁଛନ୍ତି । ଫଳରେ ଦେଶରେ ଏବେ ଜଣକ ପରେ ଜଣେ କ୍ଷୁଦ୍ରଚାଷୀ ଆତ୍ମହତ୍ୟା କରିବାରେ ଲାଗିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତି ଅଧଘ□ାରେ ଜଣେ କ୍ଷୁଦ୍ରଚାଷୀ ଆତ୍ମହତ୍ୟା କରୁଛନ୍ତି ବୋଲି ମାଗାସେସ୍ ପୁରସ୍କାର ବିଜେତା ତଥା ବିଶିଷ୍ଟ ସାମ୍ବାଦିକ ପି.ସାଇନାଥ କହିଛନ୍ତି । ୨୧ତମ ଡକ୍ଟର ହରେକୃଷ୍ଣ ମହତାବ ଜୟନ୍ତୀ ଅବସରରେ ବକ୍ତୃତା ଦେବାକୁ ଆସି ଏଠାରେ ସେ ଦେଶର କୃଷିକ୍ଷେତ୍ର ଆଜି କିଭଳି ରାଜନୈତିକ ନେତା ତଥା ଅଫିସରଙ୍କ ଯୋଗୁଁ ଏକ ମରଣଯନ୍ତା ପାଲଟିଛି ବୋଲି ବର୍ଣ୍ଣନା କରିଥିଲେ । ସରକାରୀ ରିପୋର୍ଟ ଅନୁଯାୟୀ ୧୯୯୭ ରୁ ୨୦୦୭ ସୁଦ୍ଧା ଦେଶରେ ମୋଟ ୧ଲକ୍ଷ ୫୦ହଜାର କ୍ଷୁଦ୍ରଚାଷୀ ଆତ୍ମହତ୍ୟା କରିଛନ୍ତି ଏବଂ ଏହି ଆତ୍ମହତ୍ୟା ସଂଖ୍ୟା ପ୍ରତିବର୍ଷ ବୃଦ୍ଧିପାଇବାରେ ଲାଗିଥିବା ସାଇନାଥ ଦର୍ଶାଇ କହିଲେ ଯେ, ୧୯୯୭ରେ ୨୧୫ ଜଣ ଚାଷୀ ଆତ୍ମହତ୍ୟା କରିଥିଲାବେଳେ, ୧୯୯୮ରେ ୪୧୭, ୧୯୯୯ରେ ୨୫୫, ୨୦୦୦ରେ ୧୯୯, ୨୦୦୧ରେ ୨୫୬, ୨୦୦୨ରେ ୩୪୫, ୨୦୦୩ରେ ୩୬୫, ୨୦୦୪ରେ ୪୦୦ ଚାଷୀ ଆତ୍ମହତ୍ୟା କରିଛନ୍ତି । କେବଳ ମହାରାଷ୍ଟ୍ରରେ ୧୯୯୫ ଠାରୁ ୨୦୦୭ ମଧ୍ୟରେ ୩୨୦୦ କପାଚାଷୀ ଆତ୍ମହତ୍ୟା କରିଛନ୍ତି । ଦେଶରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କ□ାଟକ ଓ ମଧ୍ୟପ୍ରଦେଶରେ ଏହି ସଂଖ୍ୟା ଅନ୍ୟ ରାଜ୍ୟମାନଙ୍କଠାରୁ ଅଧିକ । ହିସାବ ଅନୁସାରେ ଦେଶରେ ପ୍ରତିବର୍ଷ ୫୦ ରୁ ୬୦ ହଜାର କୃଷକ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ସରକାରଙ୍କ ଭୁଲ୍ ନିଷ୍ପ□ି ହିଁ ଦାୟୀ । ସହରରେ ମଧ୍ୟବି□ ଶ୍ରେଣୀର ଲୋକଙ୍କୁ ସହରର ବ୍ୟାଙ୍କମାନେ ଅଳ୍ପ ସୁଧରେ ଦାମିକା ଗାଡ଼ି କିଣିବାକୁ ଋଣ ଯୋଗାଇ ଦେଉଥିଲାବେଳେ ଗ୍ରାମାଞ୍ଚଳରେ କୃଷିକ୍ଷେତ୍ର ପାଇଁ ଏମାନେ ପର୍ଯ୍ୟାପ୍ତ ଅର୍ଥ ଋଣ ଦେଉନାହାନ୍ତି । ଆତ୍ମହତ୍ୟା କରୁଥିବା ଚାଷୀମାନେ ଅର୍ଥକରୀ ଫସଲର ଚାଷୀ ଅଟନ୍ତି । ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀ ଆତ୍ମହତ୍ୟା ସଂଖ୍ୟା ବହୁତ କମ୍ । ସମସ୍ୟାର ସମାଧାନ ଲାଗି ଉତ୍ପାଦନର ମୂଲ୍ୟ ସ୍ଥିର ରଖିବା ସହ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ଦେବାକୁ ସେ ପରାମର୍ଶ ଦେଇଥିଲେ ।

ପ୍ରତି ୮ ବର୍ଷ ମଧ୍ୟରେ ଓଡ଼ିଶାର ୨୬୦୦ ପାଖାପାଖି ଚାଷୀ ଜବରଦସ୍ତ ମୃତ୍ୟୁକୁ ଆଦରି ନେଇଛନ୍ତି । ତୀବ୍ର ଦାରିଦ୍ର୍ୟ, ଋଣ ଭାରରେ ବୁଡ଼ି ସେ ଏପରି ପଦକ୍ଷେପ ନେଉଛନ୍ତି । ସାରା ଦେଶରେ କୃଷିକ୍ଷେତ୍ର ଅର୍ଥରେ ବଡ଼ ଚାଷୀ ଋଣ କରି ବିଲରେ ଫସଲ କରୁଥିଲେ ମଧ୍ୟ ଅମଳ ନହେବା ସହ କୃଷିଜାତ ସାମଗ୍ରୀର ଦର କମିବା ହେତୁ ବହୁ କ୍ଷତିରେ ପଡୁଥିବା ଚାଷୀ ବିଚରା ମାନସିକ ଭାରସାମ୍ୟ ରକ୍ଷା କରି ନପାରି ଆତ୍ମହତ୍ୟା କରୁଛି । ଓଡ଼ିଶାର ବଲାଙ୍ଗୀର, ରାୟଗଡ଼ା ଓ ସମ୍ବଲପୁର ଜିଲ୍ଲାରୁ ଗତ କିଛି ମାସ ମଧ୍ୟରେ ଏହିପରି କେତୋଟି ମାମଲା ସାମ୍ନାକୁ ଆସିଛି । ମାତ୍ର ଏହି ସଂଖ୍ୟା କାହିଁ କେତେଗୁଣା ଅଧିକ । ୧୯୯୭ରେ ଓଡ଼ିଶାରେ କେବଳ ୨୫୧ ଜଣ ଚାଷୀ ଆତ୍ମହତ୍ୟା କରିଥିଲେ । ୧୯୯୭ରୁ ୨୦୦୧ମଧ୍ୟରେ ଦେଶରେ ପ୍ରତିବର୍ଷ ୧୫,୭୪୭ଜଣ ଚାଷୀ ଆତ୍ମହତ୍ୟା କରିଥିବା କଥା ଖୋଦ୍ ସରକାର ପ୍ରକାଶ କରିଛନ୍ତି । ମାତ୍ର ତା'ର ପରବର୍ତ୍ତୀ ୫ବର୍ଷ ସମୟ ମଧ୍ୟରେ ବାର୍ଷିକ ହାରାହାରି ଚାଷୀ ଆତ୍ମହତ୍ୟା ସଂଖ୍ୟା ୧୭,୩୮୪କୁ ଛୁଇଁଚି । ଏହି ଆତ୍ମହତ୍ୟା ଚାଷକାମ କରୁଥିବା ଲୋକ ବୋଲି କେନ୍ଦ୍ରକୃଷିମନ୍ତ୍ରୀ ଶରତପାୱାର ରାମ ଜେଠାମାଳେନୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱୀକାର କରିଥିଲେ ।

କ୍ରମଶଃ ସଂକୁଚିତ ହେଉଥିବା କୃଷିର ପରିଧି ଓ କୃଷି ଉପରେ କର୍ପୋରେଟ୍ ହାଉସ୍‌ଗୁଡ଼ିକର ଆଧିପତ୍ୟ ଯୋଗୁଁ ଚାଷୀର ଆୟ ଆତଙ୍କଜନକ ଭାବେ କମି କମିଯାଉଛି ବୋଲି ପି.ସାଇନାଥ କହିଛନ୍ତି । ପୁଣି ଆତ୍ମହତ୍ୟା କରିଥିବା ତାଲିକାରେ ମହିଳା ଓ ଦଳିତ ଏବଂ ଆଦିବାସୀଙ୍କ ନାମ ପ୍ରାୟତଃ ନାହିଁ । କାରଣ ମହିଳାମାନଙ୍କୁ କୃଷିକ୍ଷେତ୍ରରେ କାମ କରୁଥିବା ଲୋକ ହିସାବରେ ଗଣାଯାଏ ନାହିଁ । ସେହିପରି ଦଳିତ ଓ ଆଦିବାସୀ ନାମରେ ଜମି ନଥାଏ । ଏହାଛଡ଼ା ଘରର ବଡ଼ପୁଅ, ଯାହା ନାଁରେ ଜମିନଥାଏ । ସେ ଯଦି ଆତ୍ମହତ୍ୟା କରିଥିବ, ତାହା ମଧ୍ୟ ଏହି ତାଲିକାରେ ପ୍ରକାଶ କରାଯାଇନାହିଁ । ଏସବୁକୁ ମିଶାଇଦେଲେ ପରିସ୍ଥିତି ଚାପରେ ଆତ୍ମହତ୍ୟା କରିଥିବା ଚାଷୀଙ୍କ ସଂଖ୍ୟା କାହିଁ କେତେ ଗୁଣରେ ବଢ଼ିଯିବ ବୋଲି

ସେ ପ୍ରକାଶ କରିଥିଲେ ।

ଗ୍ରାମା□ଳରେ କୃଷିକ୍ଷେତ୍ର ପାଇଁ ବ୍ୟାଙ୍କଗୁଡ଼ିକ ପର୍ଯ୍ୟାପ୍ତ ଅର୍ଥ ରଣ ଦେଉ ନଥିବା ଫଳରେ ଚାଷିଟିଏ ଅଧିକ ଅମଳ ପାଇଁ ଅଧିକ ସୁଧ ଦେଇ ଘରୋଇ କ୍ଷେତ୍ରରୁ ରଣ ଆଣି ହଇରାଣ ହେଉଛି। ଆତ୍ମହତ୍ୟାର ଅନ୍ୟ କାରଣ ହେଉଛି ଉଦାରୀକରଣ ନୀତି ଯୋଗୁଁ ଆମ ଦେଶ ସରକାର ବିଦେଶରୁ ସେହି ସାମଗ୍ରୀ ଆମଦାନୀ କରୁଛନ୍ତି, ଯାହା ଆମ ଦେଶରେ ଉତ୍ପାଦିତ ହେଉଛି। ଉଦାହରଣ ଦେଇ ସାଇନାଥ କହିଥିଲେ ଯେ, ମହାରାଷ୍ଟ୍ରର ବିଦର୍ଭ ଅ□ଳରେ ଦେଶର ସବୁଠାରୁ ବେଶୀ କପା ଚାଷ କରାଯାଏ। ଏହି କପା ଆମେରିକା ଯାଏ। ଆମେରିକା ସରକାର ତାଙ୍କ ଦେଶର କପା ପାଇଁ ଅଧିକ ସବ୍‌ସିଡ଼ି ଦେବା ଯୋଗୁଁ ଆମ ଦେଶର ଲୁଗା କାରଖାନା ମାଲିକମାନେ ସେଠାରୁ କମ୍ ଦରରେ କପା ଆମଦାନି କଲେ। ଆମ ଦେଶର କପାଚାଷୀ ବାଧ୍ୟ ହୋଇ କମ୍ ଦାମରେ ତାଙ୍କର କପା ବିକ୍ରି କଲେ ଏବଂ ଶେଷରେ ଆତ୍ମହତ୍ୟା କରିବାଛଡ଼ା ତା'ର ଅନ୍ୟ ପନ୍ଥା ନାହିଁ। ଆଶ୍ଚର୍ଯ୍ୟ ଯେ, ସରକାର ଆମେରିକାରୁ କମ୍ ମୂଲ୍ୟରେ କପା ଆଣୁଥିବା ଶିଳ୍ପପତିମାନଙ୍କୁ ଅଧିକ ଟିକସ ଛାଡ଼ କଲେ, ଯାହାକି ଭୁଲ୍ ନୀତି। ଯଦି ଅଧିକ ଟିକସ ଦେବାକୁ ପଡ଼ନ୍ତା, ସେଠାରୁ ଏମାନେ କପା ଆଣିନଥାନ୍ତେ। ୨୦୦୬-୦୭ ବର୍ଷରେ ସମଗ୍ର ମହାରାଷ୍ଟ୍ରରେ ଯେତେ ଆତ୍ମହତ୍ୟା ହୋଇଛି ଏହାର ୫୦ ଭାଗ କୃଷକ। ଏଥିଯୋଗୁଁ ମହାରାଷ୍ଟ୍ରର ବିଦର୍ଭ ଅ□ଳରେ ଲକ୍ଷ ଲକ୍ଷ ପରିବାର ୭.୫ ପ୍ରତିଶତ ଆଜି ଗରିବୀ ଓ ଅନାଟନରେ ରହିଛନ୍ତି । ଏମାନଙ୍କ ମଧ୍ୟରୁ ୪ ଲକ୍ଷ ପରିବାରର ଅବସ୍ଥା ସଂକଟାପନ୍ନ । ଏମାନଙ୍କ ଏଭଳି ଅବସ୍ଥା ଯେ, ନିଜ ଝିଅ ବାହାଘର ବି ଏମାନେ କରିପାରୁ ନାହାନ୍ତି । ଦେଶରେ ମାତ୍ର ୨୩ ଜଣ କୋଟିପତିଙ୍କ ବିକାଶ ହୋଇଛି । ଫଳରେ ଦେଶ ବିକାଶ ପଥରେ ବୋଲି ସରକାର କହିବୁଲୁଛନ୍ତି । ଏଣେ ଆମେ ବଡ଼ବଡ଼ କର୍ପୋରେଟ୍ ସଂସ୍ଥା ଗଠନ କରିବାକୁ ବହୁତ ବ୍ୟସ୍ତ ।

ହିସାବକରି ସାଇନାଥ କହିଥିଲେ ଯେ, ଗରିବ କୃଷକ ୧୭ଟଙ୍କା ୫୦ ପଇସା ପାଠପଢ଼ା ଇତ୍ୟାଦିରେ ମାସକୁ ଖର୍ଚ୍ଚ କରେ। ଅଧିକ ପାଇଁ କ୍ଷମତା ନାହିଁ। ଖୋଲାବଜାର ଅର୍ଥନୀତି କୃଷିଜାତ ସାମଗ୍ରୀମାନଙ୍କର ବିଶ୍ୱସ୍ତରୀୟ ଦାମ କରି ଦେଇଥିଲାବେଳେ ସେହି ସମୟରେ ଚାଷୀର ଆୟ ସେହି ସ୍ତରରେ ହିଁ ରହିଛି। ବ୍ୟାଙ୍କମାନଙ୍କର ସାହାଯ୍ୟ ନ ପାଇବାରୁ ଯେଉଁମାନେ ଚାଷୀଙ୍କୁ ସାର, ବିହନ ଯୋଗାଉଛନ୍ତି ସେମାନେ ଏବେ ଧୀରେ ଧୀରେ ଜମିଦାର ସାଜିଲେଣି। ଚାଷୀଙ୍କୁ ଋଣ ଦେଇ ସୁଝିନପାରିଲେ ରାଜାରାଜୁଡ଼ା ସମୟର ଜମିଦାରଙ୍କ ଭଳି ସେମାନଙ୍କର ଜମି କବ୍‌ଜା କରୁଛନ୍ତି।

ଏହା କେବଳ ଭାରତର ଅବସ୍ଥା ନୁହେଁ, ସମଗ୍ର ବିଶ୍ୱରେ କର୍ପୋରେଟ୍ ଯୁଦ୍ଧ ଚାଲିଛି। ଫଳରେ କ୍ଷୁଦ୍ର ଚାଷୀ ମରୁଛି। ବିଶ୍ୱରେ ୭୦୦୦୦ ମିଲିୟନ ଏଭଳି ଆତ୍ମହତ୍ୟା ହୋଇ ସାରିଲାଣି। ଆମଦେଶରେ ୪ରୁ ୫ ଟି କର୍ପୋରେଟ୍ ସଂସ୍ଥା ଏବେ ସବୁ କୃଷିକ୍ଷେତ୍ରକୁ କବ୍‌ଜା କରିସାରିଲେଣି।

ଆତ୍ମହତ୍ୟା ଅବଶ୍ୟ ଓଡ଼ିଶାରେ କମ୍ । ଯାହାହୋଇଛି ପଶ୍ଚିମ ଓଡ଼ିଶାରେ ହୋଇଛି । କାରଣ ଏଠାରେ ଧାନଚାଷୀ ଅଧିକ । କିନ୍ତୁ ଅର୍ଥକାରୀ ଫସଲ ଚାଷୀ ବେଶୀ ଆତ୍ମହତ୍ୟା କରିଥିବା ରିପୋର୍ଟ ରହିଛି । ଲୋକମାନେ ଏବେ ଗ୍ରାମରୁ ସହର ଅଭିମୁଖୀ ହେଲେଣି । ଜମି ମାଲିକ, ମୁଲିଆ ଉଭୟ କାମ ପାଇଁ ସହରକୁ ଗୋଟିଏ ଗାଡ଼ିରେ ଯାଉଛନ୍ତି । ୭୨ ପ୍ରତିଶତ ଲୋକ ଗ୍ରାମା□ଳରେ ବସବାସ କରୁଛନ୍ତି । ତେଣୁ ଏମାନଙ୍କୁ ଉପେକ୍ଷା କରାଯାଉଛି । ଭାରତରେ ବିଶ୍ୱର ସବୁଠାରୁ ଅଧିକ କ୍ଷୁଦ୍ରଚାଷୀ ଅଛନ୍ତି । ଅସମାନତା କୃଷି ଯୋଗୁଁ ଆଜି ଭାରତର ଅବସ୍ଥା ଏମିତି ବୋଲି ସେ କହିବା ସହ ସବୁ ସରକାରମାନେ ପ୍ରତ୍ୟେକ କ୍ଷେତ୍ରରେ ଘରୋଇକରଣକୁ ଯେଉଁ ପ୍ରାଧାନ୍ୟତା ଦେଉଛନ୍ତି, ଏଥିଯୋଗୁଁ ସମସ୍ୟା ବୃଦ୍ଧି ପାଇବ ବୋଲି ସେ ପ୍ରକାଶ କରିଥିଲେ। ତାସଲ୍ୟ କରି ସେ ପୁଣି କହିଲେ ଯେ, ଆମେ ଦେଶରେ ଏକ ରାଜନୈତିକ ଗଣତନ୍ତ୍ର ଗଠନ କରିପାରିଛେ ସିନା, ଅନ୍ୟ ଦିଗ ପୁରା ଶୂନ୍। ଆମ ଦେଶରୁ ବହୁ ଛୋଟ ଛୋଟ ଦେଶ ବଲିଭିଆ, ଇଥିଓପିଆରେ ମଣିଷମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କର ଅର୍ଥନୈତିକ ଉନ୍ନତି ନାହିଁ। ତଥାପି ସେମାନେ ସକ୍ଷମ ହୋଇପାରିଛନ୍ତି । ସେମାନେ ଶିଶୁ ସାକ୍ଷରତା, ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ଅନ୍ୟଠାରୁ ଢେର୍ ଆଗରେ । ଏଠି ଶିଶୁ ମୃତ୍ୟୁହାର ସବୁଠୁ ବେଶୀ । ପୁଣିଥରେ ସେ କହିଲେ ଯେ ବାଙ୍ଗାଲୋର ଜେଲମାନଙ୍କରେ କଏଦୀମାନଙ୍କୁ ଦିନକୁ ୭୧୦ ଗ୍ରାମ୍ ଖାଦ୍ୟ ଦିଆଯାଉଛି। କିନ୍ତୁ ଜଣେ କୃଷକର ଦିନକର ଖାଦ୍ୟ ମାତ୍ର ୪୫ ଗ୍ରାମ୍। ତେବେ କୃଷି ଓ କୃଷକର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ ବିତର୍କ ଆବଶ୍ୟକତା ରହିଛି ।

❖ ❖ ❖




# ସୂଚନା ହିଁ ଶକ୍ତି

ମହାଶୟା !

ଆଜିର ଯୁଗ ହେଉଛି ସୂଚନାର ଯୁଗ ଯାହା ପାଖରେ ଯେତେ ସୂଚନା ଅଛି ସେ ସେତେ ଉନ୍ନତ, ସଚେତନ ଓ ଶକ୍ତିଶାଳୀ । ସରକାର ପ୍ରତିବର୍ଷ ଦାରିଦ୍ର୍ୟ ଦୂରୀକରଣ ପାଇଁ ହଜାର ହଜାର କୋଟି ଟଙ୍କାର ଯୋଜନା କରୁଛନ୍ତି କିନ୍ତୁ ସାଧାରଣ ବ୍ୟକ୍ତିଙ୍କ ପାଖରେ ସୂଚନାର ଅଭାବ ହେତୁ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏମିତି ଏକ ଯୋଜନା ହେଉଛି ଜନଶ୍ରୀ ବୀମା ଯୋଜନା (ଜେ.ବି.ୱାଇ) । ସି.ୱାଇ.ଏସ୍.ଡ଼ି. ଦ୍ୱାରା ପ୍ରକାଶିତ ମାସିକ 'ଗ୍ରାମସ୍ୱରାଜ' ପତ୍ରିକାର ଏପ୍ରିଲ୍-ମେ ସଂଖ୍ୟାର ୧୧ପୃଷ୍ଠାରେ ପ୍ରକାଶିତ ଆମ ପାଇଁ ଯୋଜନା ସ୍ତମ୍ଭରୁ (ଜେ.ବି.ୱାଇ) ଜନଶ୍ରୀ ବୀମା ସମ୍ବନ୍ଧରେ ଜାଣି ପାରିଲୁ । ଏହା ପରେ "ଦି ହ୍ୟୁମାନ ଡେଭଲପମେଣ୍ଟ" ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପଲିସି ନମ୍ବର ୩୩୯୫୨ରେ ୧୬୩ଜଣ ପି.ଏନ୍-୩୩୯୫୩ରେ ୫୦ଜଣ, ପି.ଏନ୍-୩୪୦୨୭ରେ ୩୭୨ ଜଣ, ପି.ଏନ୍-ରେ ୩୪୦୪୭ରେ ୨୮୦ଜଣ ସମୁଦାୟ ୪ଗୋଟି ପଲିସିରେ ୮୬୫ଜଣଙ୍କ ବୀମା କରାଯାଇ ବୀମା ପ୍ରିମିୟମ୍ ବାବଦକୁ ୮୬,୫୦୦ଟଙ୍କା ଜୀବନ ବୀମାରେ ଜମା ଦିଆଯାଇଥିଲା । ଏହି ବୀମାଧାରୀ ମାନେ କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲା ଅଧିବାସୀ ଅଟନ୍ତି ।

ଜନଶ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସଦସ୍ୟମାନଙ୍କର ନବମ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପାଠ ପଢୁଥିବା ଦୁଇଟି ସନ୍ତାନଙ୍କ ହିତ ପାଇଁ ଏକ ଶିକ୍ଷା ବୃତ୍ତି ପ୍ରଦାନ ବ୍ୟବସ୍ଥା ରହିଛି । ଏଥିରେ ମାସିକ ୧୦୦ଟଙ୍କା ହିସାବରେ ତିନିମାସରେ ଥରେ ୩୦୦ଟଙ୍କା ଲେଖାଁଏ ମିଳିଥାଏ । ଏହାକୁ 'ଶିକ୍ଷା ସହଯୋଗ ଯୋଜନା' କୁହାଯାଏ ।

ଉପରୋକ୍ତ ଚାରିଗୋଟି ପଲିସି ମଧ୍ୟରେ କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାର ୮୬୫ଜଣ ଗରିବ ଲୋକଙ୍କ ବୀମା କରାଯାଇଥିଲା । ଏଥି ମଧ୍ୟରୁ ନବମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୪୭୬ ଜଣ ପିଲାଙ୍କୁ ସାତ ମାସର ଶିକ୍ଷା ସହଯୋଗ ରାଶି ୩ଲକ୍ଷ ୩୩ହଜାର ୨୦୦ଟଙ୍କା ପ୍ରଦାନ କରାଯାଇଛି । ତେବେ ୮୬୫ ଜଣ ସଭ୍ୟମାନଙ୍କ ମଧ୍ୟରୁ ୪ଜଣଙ୍କ ମୃତ୍ୟୁ ହୋଇଯାଇଛି । ଏମାନଙ୍କ ବୀମା ଦେୟ ପାଇଁ ନିଗମଠାରେ ବୀମା ସଂକ୍ରାନ୍ତୀୟ କାଗଜପତ୍ର ଜମା ଦିଆଯାଇଛି । ଏମାନଙ୍କୁ ମଧ୍ୟ ୩୦,୦୦୦ଟଙ୍କା ହିସାବରେ ୪ଜଣଙ୍କୁ ୧ଲକ୍ଷ ୨୦ହଜାରରୁ ୩ଜଣଙ୍କୁ ୯୦ହଜାର ଟଙ୍କା ମିଳିସାରିଛି । ଆଉ ଏକ କିସ୍ତି ଶିକ୍ଷା ସହଯୋଗ ରାଶି ଜୁଲାଇ ବା ଅଗଷ୍ଟ ସୁଦ୍ଧା ମିଳିବ । ତା'ର ପରିମାଣ ୨ଲକ୍ଷ ୮୫ହଜାର ୬୦୦ଟଙ୍କା । ବର୍ତ୍ତମାନ ଏହାର ସୁଫଳ ପାଇଲା ପରେ ସଂଗଠନ ଦ୍ୱାରା କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, କନ୍ଧମାଳ, ସୋନପୁର, ବରଗଡ଼, କୋରାପୁଟ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ୬୦୦୦ରୁ ଉର୍ଦ୍ଧ୍ୱ ଗରିବ ଲୋକଙ୍କ ବୀମା କରାଯାଇଛି ।

'ଗ୍ରାମସ୍ୱରାଜ'ରେ ଏପରି ଲୋକ କଲ୍ୟାଣକାରୀ ଯୋଜନା ସଂପର୍କିତ ସୂଚନା ସଠିକ୍ ସମୟରେ ପ୍ରକାଶ ପାଇଥିବାରୁ ଏତେ ସଂଖ୍ୟକ ଗରିବ ଲୋକ ଉପକୃତ ହୋଇପାରିଛନ୍ତି । ଏଥିପାଇଁ ଆପଣଙ୍କୁ ଧନ୍ୟବାଦ । ଆଗାମୀ ଦିନରେ ଏହିଭଳି ଯୋଜନାଗୁଡ଼ିକ ସଂପର୍କିତ ସୂଚନା ଗ୍ରାମସ୍ୱରାଜରେ ପ୍ରକାଶ କରିବା ପାଇଁ ଅନୁରୋଧ କରୁଛୁ ।

**ଆପଣଙ୍କର ବିଶ୍ୱସ୍ତ :**

**ମାନସ ରଞ୍ଜନ ସାହୁ** - କଳାହାଣ୍ଡି
**ସାନ୍ତନୁ ପ୍ରଧାନ** - ବରଗଡ଼
**ରାଜେଶ୍ ମିଶ୍ର** - ବୌଦ୍ଧ
**ସୁନିଲ ସାହୁ, ତୁଷାରକାନ୍ତି ନାୟକ** - କନ୍ଧମାଳ, କୋରାପୁଟ
**ପ୍ରଶାନ୍ତ ତିର୍କି, ଲକ୍ଷ୍ମୀରାଣୀ** - ସୁନ୍ଦରଗଡ଼
**ଜନ୍ମେଜୟ ନାୟକ, ରସିକ ମାଝି** - କଳାହାଣ୍ଡି
**ଇପ୍ସିମା ଟେଟେ** - ଝାରସୁଗୁଡ଼ା
**ବିକ୍ରମ ପଧାନ** - ନୂଆପଡ଼ା

❖ ❖ ❖

## ଏଥିରେ ଅଛି ...

◆ ସଂପାଦକୀୟ : ଦିଗହରା ନୀତି ବାଟବଣା ଚାଷୀ ◆ ବିହନ ନୀତି : ବିକାଶ ଓ ବ୍ୟବସ୍ଥା ◆ ଚାଷରେ ସମସ୍ୟା - ଚାଷୀର ଦୁର୍ଦ୍ଦଶା ◆ ଚିଠି ଆସିଛି ◆ ଧ୍ୟାନ ଦେବେ।

## ପ□ାୟତିରାଜ ସଂବନ୍ଧୀୟ ଆମ ପ୍ରକାଶନ

| | | | |
|---|---|---|---|
| ୧. | ଗ୍ରାମସ୍ୱରାଜ (ମାସିକ) | ପ୍ରତି ଖଣ୍ଡ ଟ. | ୫.୦୦ |
| | (ପ□ାୟତିରାଜର ବା□ାବହ) | ବାର୍ଷିକ ଟ. | ୫୦.୦୦ |
| ୨. | ଜାଣିଲେ ଜିଣିବା (୧ମ ଭାଗ) | ଟ. | ୧୦.୦୦ |
| | (ନିର୍ବାଚନ ସଂପର୍କରେ ଭୋଟରମାନଙ୍କ ଜାଣିବା କଥା) | | |
| ୩. | ଜାଣିଲେ ଜିଣିବା (୨ୟ ଭାଗ) (ପ□ାୟତ ପ୍ରତିନିଧିମାନଙ୍କ ଜାଣିବା କଥା) | ଟ. | ୨୦.୦୦ |
| ୪. | ଭୋଟ୍ ଦାନର ଅ, ଆ, ଇ.... (ଭୋଟର ସହାୟିକା ପୁସ୍ତିକା) | ଟ. | ୧୦.୦୦ |
| ୫. | ପୋଷ୍ଟର : | ପ୍ରତି ଖଣ୍ଡ ଟ. | ୨.୦୦ |
| | ପଲ୍ଲୀସଭା, ଗ୍ରାମସଭା, ପଲ୍ଲୀସଭା କାହିଁକି କରିବା, ନେତା ବାଛିବା କାହାକୁ ? | | |
| | ପ□ାୟତିରାଜରେ ମହିଳା, ଆମ ପ□ାୟତର ସମ୍ବଳ, ଆସୁଛି ନିର୍ବାଚନ-ସାବଧାନ, | | |
| | ସୂଚନା ପାଇବା ଆମ ଅଧିକାର | ପ୍ରତି ଖଣ୍ଡ ଟ. | ୩.୦୦ |
| | ଗୋପନୀୟତାର ଯୁଗ ସରିଲା | ପ୍ରତି ଖଣ୍ଡ ଟ. | ୩.୦୦ |
| ୬. | ଆମେ କରିବା ଆମ ଶାସନ (ଭିଡ଼ିଓ ସି.ଡ଼ି.) | ଟ. | ୧୦୦.୦୦ |
| ୭. | ପଲ୍ଲୀସଭା (ଭିଡ଼ିଓ ସି.ଡ଼ି.) | ଟ. | ୫୦.୦୦ |
| | ଗ୍ରାମସଭା (ଭିଡ଼ିଓ ସି.ଡ଼ି.) | ଟ. | ୫୦.୦୦ |
| ୮. | ଆମ ହାତେ ଆମ ଶାସନ ଡୋରୀ (ଅଡ଼ିଓ କ୍ୟାସେଟ୍ - ସଂଗୀତ, ପାଲା) | ଟ. | ୨୦.୦୦ |
| ୯. | ସ୍ୱରାଜପଥେ (ଗ୍ରାମସ୍ୱରାଜର ସଂକ୍ଷିପ୍ତ ସମାହାର) | ଟ. | ୩୦.୦୦ |
| ୧୦. | ସ୍ୱରାଜ ସାଥୀ (ପ□ାୟତିପ୍ରତିନିଧିମାନଙ୍କ ସଫଳ କାହାଣୀ) | ଟ. | ୧୫.୦୦ |
| ୧୧. | ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ ୨୦୦୫ | ଟ. | ୨୦.୦୦ |
| ୧୨. | ସୂଚନା ଅଧିକାର ସହାୟକ ପୁସ୍ତିକା | ଟ. | ୮.୦୦ |
| ୧୩. | ସୂଚନା ଅଧିକାର (ଭିଡ଼ିଓ ସି.ଡି) | ଟ. | ୬୦.୦୦ |

*ଏହି ପତ୍ରିକା ନିୟମିତ ପାଇବା ପାଇଁ ସହଯୋଗ ରାଶି ନିମ୍ନ ଠିକଣାରେ ପଠାନ୍ତୁ :*


**ଗ୍ରାମସ୍ୱରାଜ**

ମାର୍ଫତ୍ - ସି.ୱାଇ.ଏସ୍.ଡି.

ଇ-୧, ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ଏରିଆ, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧ ୦୧୩


*ଜାଣିରଖନ୍ତୁ : ସହଯୋଗ ରାଶି ମନିଅର୍ଡର ଯୋଗେ ପଠାଇବା ପାଇଁ ଅନୁରୋଧ । କୁପନରେ ନିଜର ପୁରା ଠିକଣା ଲେଖିବାକୁ ଭୁଲନ୍ତୁ ନାହିଁ । ଯେଉଁ ଅନୁଷ୍ଠାନ ଏହି ପତ୍ରିକା ବହୁ ସଂଖ୍ୟାରେ ନେବାକୁ ଚାହୁଁଛନ୍ତି, ସେମାନେ ଉପଯୁକ୍ତ ପରିମାଣର ସହଯୋଗ ରାଶି ସହିତ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।*

~~4th Cover~~

## ଧ୍ୟାନଦେବେ...

"କୃଷକମାନଙ୍କୁ ସେମାନଙ୍କର ଉତ୍ପାଦର ସଠିକ୍ ମୂଲ୍ୟ ଦିଆଯାଉ। ଉତ୍ପାଦର ମୂଲ୍ୟ ସ୍ଥିର ରଖାଯାଉ। ଚାଷୀର ଉତ୍ପାଦନର ପରିମାଣ ହିସାବ ନ କରି ତା'ର ଆୟ କେତେ ହେଲା ହିସାବ କରାଯାଉ। କୃଷି ନୀତିରେ କେନ୍ଦ୍ର ଏବଂ ରାଜ୍ୟରେ ସମାନତା ରହୁ। ଏହା ସହ ଭୂ-ସଂସ୍କାର ସାଙ୍ଗକୁ କୃଷିକ୍ଷେତ୍ରକୁ ଶିକ୍ଷାକ୍ଷେତ୍ର ଭଳି ସେବାକ୍ଷେତ୍ରର ମାନ୍ୟତା ଦିଆଯିବା ଆବଶ୍ୟକ। ଏହା ହେଲେ ଜନସାଧାରଣଙ୍କ ମନରେ ସାମାଜିକ ତଥା ଅର୍ଥନୈତିକ ସମାନତା ଆସିପାରିବ।"

**ଆନ୍ତର୍ଜାତିକ ସାମ୍ବାଦିକ - ପି. ସାଇନାଥ**

## ପ ।ୟତିରାଜ ସମ୍ବନ୍ଧୀୟ ଆମ ପ୍ରକାଶନ



*ବିଷୟ :*
ଗ୍ରାମୀଣ ପରିବାର ପାଇଁ
କାମ ପାଇବାର ଅଧିକାର

*ମୂଲ୍ୟ :*
ଟ. ୨୦/- (କୋଡ଼ିଏ ଟଙ୍କା ମାତ୍ର)

ଏଥିରେ ଅଛି –

- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଅଧିନିୟମ
- କାର୍ଯ୍ୟଦାବୀ
- ଜବ୍ କାର୍ଡ଼
- ବେରୋଜଗାରୀ ଭ□। ଇତ୍ୟାଦି

*ବିଷୟ :*
ସୂଚନା ପାଇବାର ଅଧିକାର

ଏଥିରେ ଅଛି –

- ସୂଚନା ମାଗିବା କିପରି ?
- ଅପିଲ୍ କରିବା କିପରି ?
- ସୂଚନା ନ ମିଳିଲେ କ'ଣ କରିବା ?




**PRINTED BOOK**

ପ୍ରାପକ :

ପ୍ରେରକ :
**ସଂପାଦିକା, 'ଗ୍ରାମସ୍ୱରାଜ'**
ସି.ୱାଇ.ଏସ୍.ଡି.
ଉଦ୍ୟୋଗ ଉତ୍ପାଦନ ଗଳ୍ଲି ଏରିଆ,
ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ
ଗଙ୍ଗାଧର ମେହେର ମାର୍ଗ
ଭୁବନେଶ୍ୱର - ୭୫୧ ୦୧୩
ଦୂରଭାଷ : ୦୬୭୪-୨୩୦୦୯୮୩

sowing the seeds of change...

ପାଠକୀୟ ସହଯୋଗ : ପ୍ରତିଖଣ୍ଡ (୧୬ ପୃଷ୍ଠା) - ଟ.୫/-, ବାର୍ଷିକ ଟ.୫୦/-

ସି.ୱାଇ.ଏସ୍.ଡି., ଭୁବନେଶ୍ୱର-୧୩ ଦ୍ୱାରା ପ୍ରକାଶିତ ଓ ପ୍ରସାରିତ

ସଂପାଦିକା : **ନିରୁପମା ରଥ**

**(ସୀମିତ ପ୍ରସାର ପାଇଁ) • ଏକାଦଶ ବର୍ଷ • ଚଉରାଅଶୀତମ ସଂଖ୍ୟା • ଜୁନ୍-୨୦୦୮**

~~1st Cover~~